ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

ଭୁବନେଶ୍ୱର,(ଜା.ପ୍ର): RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୧୦ ◆ ସଂଖ୍ୟା- ୦୯ ◆ ଭୁବନେଶ୍ୱର ◆ ସୋମବାର ◆ ଅକ୍ଟୋବର ୧୯ରୁ ଅକ୍ଟୋବର ୨୫, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-10 ◆ Issue-09 ◆ Bhubaneswar ◆ Monday ◆ October 19 to October 25, 2026 ◆ Page-8 ◆ Price Rs.4.00

୩ ଜଣଙ୍କୁ ବାନ୍ଧିଲା ଭିଜିଲାନ୍ସ

ଭୁବନେଶ୍ୱର,(ଜା.ପ୍ର): ଢେଙ୍କାନାଳ ବନ ବିଭାଗର ୬୫ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ୍ ଘଟଣାରେ ଭିଜିଲାନ୍ସ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଢେଙ୍କାନାଳ ଡିଏଫ୍ଓ ଅଫିସର ବରିଷ୍ଠ କିରାଣି ସୁଜିତ କୁମାର ଜେନା, ଢେଙ୍କାନାଳ ସଦର ରେଞ୍ଜରେ ହାତୀ ସ୍କ୍ୱାଡ୍‌ରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀ ସୌମ୍ୟରଞ୍ଜନ ବେହେରା ଓ ସୁଜିତ୍ କୁମାରଙ୍କ ସମ୍ପର୍କୀୟ ଭାଇ ରଶ୍ମୀରଞ୍ଜନ ସ୍ୱାଇଁ । ଅଭିଯୁକ୍ତଙ୍କ ତାଲିକାରେ ସୁଜିତ କୁମାର ଜେନାଙ୍କ ମା' ସତ୍ୟଭାମା ଜେନାଙ୍କ ନାଁ ମଧ୍ୟ ରହିଛି । କାରଣ ହଡ଼ପ ଟଙ୍କା ତାଙ୍କ ଆକାଉଣ୍ଟକୁ ବି ଯାଇଛି । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ବରିଷ୍ଠ କିରାଣି ସୁଜିତ କୁମାର ଜେନା। ୨୦୧୬ ରୁ ୨୦୨୬ ମସିହା ମଧ୍ୟରେ ସେ ଆତ୍ମସାତ୍ କରିଛନ୍ତି ୬୫ ଲକ୍ଷ ୯୦ ହଜାର ୭୭୩ ଟଙ୍କା। ତଦନ୍ତ ବେଳେ ଭିଜିଲାନ୍ସ ଜାଣିବାକୁ ପାଇଛି ଯେ କ୍ଷମତାର ଅପବ୍ୟବହାର କରି ଶ୍ରୀ ଜେନା ସରକାରୀ ଟଙ୍କାକୁ ନିଜ ବ୍ୟାଙ୍କ ଆକାଉଣ୍ଟ ସହିତ ଅନ୍ୟ ଅଭିଯୁକ୍ତମାନଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ଛଟେଇ କର୍ମଚାରୀଙ୍କ ଦରମା, ଅବସର ନେଇ ସାରିଥିବା କର୍ମଚାରୀଙ୍କ ବକେୟା ବିଲ୍ ବାବଦ ଟଙ୍କା, ପ୍ରୋଭିଜିନାଲ୍ ପେନ୍‌ସନ ଓ ଅନ୍ୟାନ୍ୟ ବିଭିନ୍ନ ଉଦ୍ଦେଶ୍ୟରେ ଆସୁଥିବା ଟଙ୍କାକୁ ସେ ହଡ଼ପ କରିଥିଲେ। ଶ୍ରୀ ଜେନା ନିଜ ଆକାଉଣ୍ଟକୁ ୩୭ ଲକ୍ଷ ୮୩ ହଜାର ୧୯୪ ଟଙ୍କା ଟ୍ରାନ୍ସଫର କରିଥିବା ବେଳେ ସୌମ୍ୟରଞ୍ଜନ ବେହେରାଙ୍କ ଆକାଉଣ୍ଟକୁ ୧୦ ଲକ୍ଷ ୪୮ ହଜାର ୮୬୬ ଟଙ୍କା, ସଂପର୍କୀୟ ଭାଇ ରଶ୍ମୀରଞ୍ଜନ ସ୍ୱାଇଁଙ୍କ ଆକାଉଣ୍ଟକୁ ୮ ଲକ୍ଷ ୮୬ ହଜାର ୧୯୩ ଟଙ୍କା ଓ ତାଙ୍କ ମା'ଙ୍କ ଆକାଉଣ୍ଟକୁ ୮ ଲକ୍ଷ ୭୨ ହଜାର ୫୨୦ ଟଙ୍କା ପଠାଇଥିଲେ। ଟଙ୍କା ଆତ୍ମସାତ୍ କଥା ସାମ୍ନାକୁ ଆସିବା ପରେ ଶ୍ରୀ ଜେନାଙ୍କ ସହିତ ସୌମ୍ୟରଞ୍ଜନ ବେହେରା ଓ ରଶ୍ମୀରଞ୍ଜନ ସ୍ୱାଇଁ ଫେରାର ହୋଇଯାଇଥିଲେ। ତେବେ ଭିଜିଲାନ୍ସ ସେମାନଙ୍କୁ ଧରିବାରେ ସଫଳ ହୋଇଛ। ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ ଗିରଫ ୩ ଅଭିଯୁକ୍ତଙ୍କ ନାଁରେ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଛି।

ଶପଥ ନେଲେ ନୂଆ ରାଜ୍ୟପାଳ



ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ୪୪ ତମ ରାଜ୍ୟପାଳ ଭାବେ ରବିବାର ଶପଥ ନେଇଛନ୍ତି ଡକ୍ଟର ବ୍ରଜ ମୋହନ ରାମ । ଭୁବନେଶ୍ୱର ଲୋକଭବନର ଅଭିଷେକ ହଲ ଠାରେ ଆୟୋଜିତ ସମାରୋହରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ରାଜ୍ୟପାଳ ବ୍ରଜ ମୋହନ ରାମଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଶପଥ ଗ୍ରହଣ ଉତ୍ସବରେ ବାଚସ୍ପତି ସୁରମା ପାତ୍ରୀ ଓ ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ସମେତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମନ୍ତ୍ରୀ ପରିଷଦର ସଦସ୍ୟ, ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ସାଂସଦ, ବିଜେପିର ବରିଷ୍ଠ ନେତା, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପୁଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ସମେତ ବରିଷ୍ଠ ଅଧିକାରୀ ଓ ରାଜ୍ୟପାଳଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ରାଜ୍ୟପାଳଙ୍କୁ ସଶସ୍ତ୍ର ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା ।

୧୯୫୮ ଜାନୁଆରୀ ୧ ତାରିଖରେ ବିହାରର ପଲାମୁ ଜିଲ୍ଲାର ଚାନ୍ଦୱା ଗ୍ରାମରେ ଏକ ସାଧାରଣ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ ବ୍ରଜ ମୋହନ ରାମ । ଲୋହରଦଗାର ବି.ଏସ୍. କଲେଜରୁ ସ୍ନାତକ ଶିକ୍ଷା ହାସଲ କରିଥିବା ବ୍ରଜ ମୋହନ ରାମ ୫ ମାର୍ଚ୍ଚ ୧୯୭୯ରେ ଲୀଳା ଦେବୀଙ୍କୁ ବିବାହ କରିଥିଲେ । କୃଷି ଓ ଗ୍ରାମୀଣ ଜୀବନ ସହ ଜଡ଼ିତ ପାରିବାରିକ ପୃଷ୍ଠଭୂମିରୁ ଆସିଥିବା ବ୍ରଜ ମୋହନ ରାମଙ୍କ ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିଲା ତୃଣମୂଳ ସ୍ତରରୁ । ବିଜେପିର ବ୍ଲକ୍ ସଭାପତିରୁ ବିଧାୟକ, ପରେ ଲଗାତାର ତିନିଥର ଲୋକସଭା ସାଂସଦ ହେବା ପରେ ଏବେ ସେ ଓଡ଼ିଶାର ରାଜ୍ୟପାଳ ଭାବେ ସାମ୍ବିଧାନିକ ଦାୟିତ୍ୱ ଗ୍ରହଣ କରିଛନ୍ତି । ୧୯୯୦ରେ ବିଜେପିର ବ୍ଲକ୍ ସଭାପତି ଭାବେ ରାଜନୀତି ଆରମ୍ଭ କରିଥିବା ବ୍ରଜ ମୋହନ ରାମ ୧୯୯୧ରୁ ୧୯୯୫ ଯାଏଁ ବିହାର ବିଧାନସଭାର ସଦସ୍ୟ ଥିଲେ ଏବଂ ୧୯୯୬, ୧୯୯୮ ଓ ୧୯୯୯ରେ ଲଗାତାର ତିନିଥର ପଲାମୁରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ଗତ ୧୨ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତ କରିଥିଲେ ।

ବିଦ୍ୟୁତ୍ ଆଘାତରେ ୨ ଯୁବକ ମୃତ

ଭୁବନେଶ୍ୱର,(ଜା.ପ୍ର): ପୁରୀ ବଳିଆପଣ୍ଡା ଥାନା ପରିସରରେ କେବୁଲ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଦୁଇ ଜଣ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଛି । ମୃତ ଯୁବକମାନେ ହେଲେ ରାମମନ୍ଦିର ଜାଲି ସାହିର ସୁବ୍ରତ ସାହୁ ଓ ବଳିଆପଣ୍ଡା ମହାରଣା ସାହିର ବାପି ପ୍ରଧାନ । ସୂଚନାରୁ ଜଣାଯାଇଛି, ଉଭୟ ବାପି ଓ ସୁବ୍ରତ ଏକ ଟିଭି କେବୁଲ ଅପରେଟର ସଂସ୍ଥାରେ କାମ କରୁଥିଲେ । ରବିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ବଳିଆପଣ୍ଡା ଥାନା ପରିସରରେ କେବୁଲ ମରାମତି କାମ କରୁଥିଲେ । ବିଦ୍ୟୁତ ଖୁଣ୍ଟରେ ଚଢ଼ି କାମ କରୁଥିବା ବେଳେ ଅଚାନକ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ । ବିଦ୍ୟୁତ୍ ଆଘାତରେ ଦୁହେଁ ଖୁଣ୍ଟ ଉପରୁ ତଳକୁ ଖସି ପଡ଼ିଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ।ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବଳିଆପଣ୍ଡା ଥାନା ପୁଲିସ ଘଟଣାସ୍ଥଳରେ ଓ ମେଡିକାଲ୍‌ରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

ସାର୍ବଜନିକ ବିଜ୍ଞପ୍ତି

- ଟଙ୍କା ବଦଳରେ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ
- ଠକମାନେ ରେଳପଥ ଅଧିକାରୀଙ୍କ ଜାଲ୍ ଦସ୍ତଖତ ଏବଂ ମୋହର ସହିତ ନକଲି କଲ୍ ଲେଟର ବ୍ୟବହାର କରୁଛନ୍ତି
- ଅପରାଧରେ ଅଂଶୀଦାର ହୁଅନ୍ତୁ ନାହିଁ
- ଏଥିପାଇଁ ଆପଣଙ୍କ ବିରୁଦ୍ଧରେ ମକଦ୍ଦମା ଚାଲିବା ସହିତ ଆପଣଙ୍କୁ ଜେଲ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ

ପୂର୍ବ ତଟ ରେଳପଥରେ ରେଳପଥ ନିଯୁକ୍ତି ସମ୍ବନ୍ଧରେ ସଠିକ୍ ସୂଚନା ପାଇଁ ଦୟାକରି ନିମ୍ନବର୍ଣ୍ଣିତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ:

www.rrbbbs.gov.in | www.rrcbbs.org.in

ଯଦି କେହି ଲାଞ୍ଚ ନେଇ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି କିମ୍ବା କେତେକ ରେଳପଥ ପ୍ରାଧିକାରୀଙ୍କ ନାମରେ ଏକ କଲ୍ ଲେଟର ଜାରି କରୁଛନ୍ତି, ତେବେ ଦୟାକରି ଏହାର ସତ୍ୟତା ଯାଞ୍ଚ କରନ୍ତୁ:

ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ
ପୂର୍ବ ତଟ ରେଳପଥ, ପ୍ରଥମ ମହଲା, ଦକ୍ଷିଣ ବ୍ଲକ୍
ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017
ଇ-ମେଲ୍: sdgm@ecor.railnet.gov.in

ମୁଖ୍ୟ ଜନ ସମ୍ପର୍କ ଅଧିକାରୀ
ପୂର୍ବ ତଟ ରେଳପଥ, ତଳ ମହଲା, ଦକ୍ଷିଣ ବ୍ଲକ୍
ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017
ଇ-ମେଲ୍: cpro@ecor.railnet.gov.in

ଆମ ସହିତ ଯୋଗାଯୋଗ କରିବା ପାଇଁ ଆପଣ ମଧ୍ୟ ସାମାଜିକ ଗଣମାଧ୍ୟମ ବ୍ୟବହାର କରିପାରିବେ:
www.facebook/@EASTCOASTRailway1 www.x.com/EastCoastRail
www.instagram.com/cproecor www.kooapp.com/@eastcoastrail

ପୂର୍ବ ତଟ ରେଳପଥ
ଆପଣଙ୍କ ପାଇଁ ଆମେ ଯତ୍ନବାନ

D-15/26-27

ଜାତୀୟ ଚେତନା
JATIYA CHETANA

ଫ୍ରାନ୍ସରେ ହିଂସାର ନଗ୍ନନୃତ୍ୟ: ୧୨୦୦ରୁ ଅଧିକ ଅଭିଯୁକ୍ତ ଗିରଫ



ନୂଆଦିଲ୍ଲୀ,(ଏଜେନ୍ସି): ସାମ୍ପ୍ରତିକ ସମୟରେ ୟୁରୋପୀୟ ମହାଦେଶର ଅନ୍ୟତମ ଶକ୍ତିଶାଳୀ ତଥା ସମୃଦ୍ଧ ରାଷ୍ଟ୍ର ଫ୍ରାନ୍ସ ଏକ ଗମ୍ଭୀର ଏବଂ ନିୟନ୍ତ୍ରଣବିହୀନ ଜନ-ଆକ୍ରୋଶର ସମ୍ମୁଖୀନ ହୋଇଛି। ନାଗରିକମାନଙ୍କ ଦୈନନ୍ଦିନ ଜୀବନଧାରଣର ବ୍ୟୟବୃଦ୍ଧି, ବୃଦ୍ଧି ପାଉଥିବା ଆର୍ଥିକ ସଙ୍କଟ, ଦ୍ରବ୍ୟମୂଲ୍ୟ ବୃଦ୍ଧି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ କର୍ତ୍ତୃପକ୍ଷଙ୍କ ବ୍ୟବସ୍ଥାଗତ ତ୍ରୁଟିକୁ ନେଇ ଦେଶବ୍ୟାପୀ ଜନସାଧାରଣ, କର୍ମଚାରୀ ଓ ଛାତ୍ର ସଂଗଠନଗୁଡ଼ିକ ପକ୍ଷରୁ ଗୋଟିଏ ସମୟରେ ବିଶାଳ ଆନ୍ଦୋଳନର ଡାକରା ଦିଆଯାଇଥିଲା। ତେବେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆରମ୍ଭ ହୋଇଥିବା ଏହି ବିକ୍ଷୋଭ ଶୋଭାଯାତ୍ରା ଅତି ଅଳ୍ପ ସମୟ ମଧ୍ୟରେ ଏକ ଅରାଜକ ହିଂସାର ରୂପ ନେଇଥିଲା, ଯାହାକି ସମଗ୍ର ଦେଶର ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ କରିଦେଇଛି। ସରକାରୀ ତଥ୍ୟ ଅନୁସାରେ, ଦେଶର ବିଭିନ୍ନ ଭାଗରୁ ପ୍ରାୟ ପାଞ୍ଚ ଲକ୍ଷରୁ ଅଧିକ ପ୍ରଦର୍ଶନକାରୀ ରାଜରାସ୍ତାକୁ ଓହ୍ଲାଇବା ପରେ ସ୍ଥିତି ଅତ୍ୟନ୍ତ ଆଶଙ୍କାଜନକ ହୋଇପଡ଼ିଥିଲା। ବିଶେଷ କରି ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ସମେତ ବହୁ ନଗର ଓ ସହରରେ ଉତ୍ତ୍ୟକ୍ତ ଜନତା ଆକ୍ରମଣାତ୍ମକ ରୂପ ଧାରଣ କରି ସାଧାରଣ ପ୍ରଶାସନିକ ବ୍ୟବସ୍ଥାକୁ ଅଚଳ କରିଦେଇଥିଲେ। ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିବା ସହ ଟାୟାର, ଗାଡ଼ିମୋଟର ଏବଂ ଦୋକାନ ବଜାରରେ ନିଆଁ ଲଗାଇ ଆତଙ୍କ ସୃଷ୍ଟି କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଆସିଥିବା ସଶସ୍ତ୍ର ଦଙ୍ଗା ନିୟନ୍ତ୍ରଣ ବାହିନୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ବ୍ୟାପକ ହିଂସାତ୍ମକ ସଂଘର୍ଷ ଘଟିଥିଲା। ଭିଡ଼କୁ ହଟାଇବା ପାଇଁ ପୋଲିସ ପକ୍ଷରୁ ପ୍ରଚୁର ପରିମାଣରେ ଅଶ୍ରୁପାତ ଗ୍ୟାସ୍ ଏବଂ ଜଳକାମାଣର ପ୍ରୟୋଗ କରାଯାଇଥିଲେ ମଧ୍ୟ ସ୍ଥିତି ଶାନ୍ତ ହୋଇନଥିଲା। ସାରା ଦେଶରେ ସୃଷ୍ଟ ହୋଇଥିବା ଏହ ଅଭୂତପୂବ ଅରାଜକତା ଏବଂ ଜରୁରୀ ପରସ୍ଥତ ସମ୍ପକରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସୂଚନା ଦେଇଛନ୍ତି। ସେ ଜଣାଇଛନ୍ତି ଯେ, ଆନ୍ଦୋଳନକାରୀଙ୍କ ହିଂସାତ୍ମକ ଆକ୍ରମଣରେ ବର୍ତ୍ତମାନ ସୁଦ୍ଧା ଅନ୍ତତଃ ୧୫୦ ଜଣ ସୁରକ୍ଷାକର୍ମୀ ଓ ପୋଲିସ କର୍ମଚାରୀ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ପୁନଃପ୍ରତିଷ୍ଠା କରିବା ପାଇଁ ସାରା ଦେଶରେ କଡ଼ା ପୋଲିସ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ କୋଠାବାଡ଼ି ଭାଙ୍ଗଚୁର ଓ ନିଆଁ ଲଗାଇବାରେ ସମ୍ପୃକ୍ତ ୧୨୦୦ରୁ ଊର୍ଦ୍ଧ୍ୱ ଉପଦ୍ରବୀଙ୍କୁ ଗିରଫ କରାଯାଇଛି।

ଭକ୍ତଙ୍କ ଉପରେ ମାଡ଼ିଗଲା ଟ୍ରକ୍, ୧୫ ମୃତ

ଗ୍ୱାଲିୟର,(ଏଜେନ୍ସି): ନବରାତ୍ରି ପୂଜାର୍ଚ୍ଚନା ଚାଲିଥିବା ବେଳେ ମଧ୍ୟପ୍ରଦେଶର ଗ୍ୱାଲିୟର ଜିଲ୍ଲାରେ ଘଟିଯାଇଛି ଏକ ଅତ୍ୟନ୍ତ ମର୍ମନ୍ତୁଦ ଓ ହୃଦୟବିଦାରକ ସଡ଼କ ଦୁର୍ଘଟଣା। ଚିନୋର ରୋଡସ୍ଥିତ ପ୍ରସିଦ୍ଧ ଶୀତଳା ମାତା ମନ୍ଦିର ବାହାରେ ରବିବାର ଭୋର୍ ପ୍ରାୟ ୧.୩୦ ମିନିଟ୍ ସମୟରେ ଏକ ଦ୍ରୁତଗାମୀ ବେପରୁଆ ଟ୍ରକ୍ ଶ୍ରଦ୍ଧାଳୁଙ୍କ ଉପରେ ଚଢ଼ିଯିବା ଫଳରେ କିଶୋରଙ୍କ ସମେତ ୧୫ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୨୮ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ଶାରଦୀୟ ନବରାତ୍ରି ପାଳନ ପାଇଁ ଗଭୀର ରାତିରେ ମଧ୍ୟ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଏହି ସମୟରେ ପଞ୍ଜାବ ନମ୍ବର ବିଶିଷ୍ଟ ଏକ ଅନିୟନ୍ତ୍ରିତ ଟ୍ରକ୍ ପାହାଡ଼ ଗଡ଼ାଣି ରାସ୍ତାରେ ଦ୍ରୁତଗତିରେ ଆସି ଶ୍ରଦ୍ଧାଳୁ ଓ ରାସ୍ତାକଡ଼ର ଅସ୍ଥାୟୀ ଦୋକାନଗୁଡ଼ିକୁ ଚପାଇ ଦେବା ସହ ମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାରରେ ପିଟି ହୋଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ମନ୍ଦିର ପ୍ରାଚୀରର ଏକ ଅଂଶ ଭାଙ୍ଗି ପଡ଼ିଥିଲା। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଘଟଣାସ୍ଥଳରୁ ଫରାର ହୋଇଯାଇଥିବା ବେଳେ ପୁଲିସ ତାକୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଆହତମାନଙ୍କୁ ସ୍ଥାନୀୟ ଗ୍ୱାଲିୟର ଟ୍ରମା ସେଣ୍ଟର ଓ ଜୟ ଆରୋଗ୍ୟ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ରୁ ୪ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାବେଳେ କାର୍ଯ୍ୟରତ ୨ ଜଣ ପୁଲିସ କର୍ମଚାରୀ ମଧ୍ୟ ଆହତଙ୍କ ମଧ୍ୟରେ ସାମିଲ ଅଛନ୍ତି। ମୃତକଙ୍କ ବୟସ ୧୫ ରୁ ୫୦ ବର୍ଷ ମଧ୍ୟରେ ହୋଇଥିବା ଜଣାପଡ଼ିଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଟାଇଗରଙ୍କୁ ହତ୍ୟା ଉଦ୍ୟମ

ମୁମ୍ବାଇ,(ଏଜେନ୍ସି): ବଲିଉଡ୍ ଅଭିନେତାଙ୍କୁ ଗୁଳିମାରି ହତ୍ୟା ଉଦ୍ୟମ। ଗୁଳିମାଡ଼ରେ ଅଳ୍ପକେ ବର୍ତ୍ତିଯାଇଛନ୍ତି ବଲିଉଡ୍ର ଷ୍ଟାର ଅଭିନେତା ଟାଇଗର ଶ୍ରଫ୍। ମହାରାଷ୍ଟ୍ରର ମୁମ୍ବାଇର ଜୁହୁ ଅଞ୍ଚଳରେ ଟାଇଗରଙ୍କ କାର୍ ଉପରେ ଗୁଳି ମାଡ଼ ହୋଇଛି। ତେବେ ସୌଭାଗ୍ୟବଶତଃ ଟାଇଗର ସୁରକ୍ଷିତ ଏବଂ ଅକ୍ଷତ ଅଛନ୍ତି। ସାତ ରାଉଣ୍ଡ ଗୁଳି ଚାଳନା ହୋଇଥିବା ଜଣାପଡ଼ିଛି। ଗୁଳିକାଣ୍ଡରେ ଦୁଇ ଜଣ ଆହତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ଟାଇଗର ଶ୍ରଫଙ୍କ ଡ୍ରାଇଭର ଫିରଦୋଶ, ଯାହାଙ୍କ ବାମ ହାତରେ ଗୁଳି ବାଜିଛି। ଆଉ ଜଣେ ଅଟୋ-ରିକ୍ସା ଡ୍ରାଇଭର ଥିବା ଜଣାପଡ଼ିଛି। ଗୁଳିକାଣ୍ଡର ତଦନ୍ତ ପାଇଁ ମୁମ୍ବାଇ ପୁଲିସ୍ ମୋଟ୍ ୧୫ଟି ଦଳ ଗଠନ କରିଛି। ଫରେନସିକ୍ ଦଳ ଘଟଣାସ୍ଥଳ ଯାଞ୍ଚ କରୁଥିବାବେଳେ ସାନ୍ତାକ୍ରୁଜ୍ ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ତେବେ ଟାଇଗର ଶ୍ରଫଙ୍କ ଉପରେ ଗୁଳିମାଡ଼ ପାଇଁ ଲରେନ୍ସ ବିଷ୍ଣୋଇ ଗ୍ରୁପ୍ ନିଜକୁ ଦାୟୀ କରିଛି। ଲରେନ୍ସ ବିଷ୍ଣୋଇ ଗ୍ରୁପ୍ ପକ୍ଷରୁ ଅନିଲ ପଣ୍ଡିତ ଅନମୋଲ ବିଷ୍ଣୋଇ ପୋଷ୍ଟଟି ସେୟାର କରି ଲେଖିଛନ୍ତି, 'ଜୟ ମହାକାଳ, ଜୟ ଶ୍ରୀ ରାମ। ଆଜି ଟାଇଗର ଶ୍ରଫ୍ ଏହା କରିଛନ୍ତି। ମୁଁ, ଅନିଲ ପଣ୍ଡିତ ଏବଂ ହରମନ ସାନ୍ଧୁ ଏହାର ଦାୟିତ୍ୱ ନେଉଛୁ। ଆମେ ତାଙ୍କୁ ଫୋନ୍ କରି ବୁଝାଇଥିଲୁ, କିନ୍ତୁ ସେ ବୁଝିପାରିଲେ ନାହିଁ। ତେଣୁ, ଆଜି ଆମେ ତାଙ୍କୁ ଭଲ ଭାବରେ ବୁଝାଇଲୁ । ମୁମ୍ବାଇ ଫିଲ୍ମ ଇଣ୍ଡଷ୍ଟ୍ରିରେ ଯିଏ ଆମ କଥା ଶୁଣନ୍ତି ନାହିଁ କିମ୍ବା ସଲମାନ ଖାନଙ୍କ ସହ କାମ କରନ୍ତି, ସେ ପରବର୍ତ୍ତୀ ସମୟରେ ଆସିବେ। କେବଳ ଅପେକ୍ଷା କରନ୍ତୁ ଏବଂ ଦେଖନ୍ତୁ।' ତେବେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ ମୁମ୍ବାଇ ପୋଲିସ କମିଶନରଙ୍କ ସହ ଫୋନ୍ ମାଧ୍ୟମରେ କଥା ହେବା ସହ ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମହାରାଷ୍ଟ୍ରର ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କହିଛନ୍ତି, 'ମୁମ୍ବାଇରେ ଭୟ ସୃଷ୍ଟି କରୁଥିବା ଲୋକଙ୍କୁ ଛଡ଼ାଯିବ ନାହିଁ। ଆମେ ଦୋଷୀ ମାନଙ୍କୁ ଖୋଜି ଦଣ୍ଡ ଦେବୁ। ଆମେ ସମସ୍ତ ଗ୍ୟାଙ୍ଗକୁ ନିପାତ କରିବୁ।' ପ୍ରାଥମିକ ସୂଚନା ଅନୁଯାୟୀ, ଟାଇଗର ଶ୍ରଫ ତାଙ୍କ କାରରେ ଏକ ସଭାକ୍ଷେତ୍ର ଛାଡ଼ି ଯାଉଥିଲେ। ତାଙ୍କୁ ବିଦାୟ ଦେବା ପାଇଁ ବହୁ ସଂଖ୍ୟକ ଲୋକ ଏକାଠି ହୋଇଥିଲେ। ତାଙ୍କ କାର୍‌କୁ ଲକ୍ଷ୍ୟ କରି ଭିଡ଼ ଭିତରୁ ସାତ ରାଉଣ୍ଡ ଗୁଳି ଚାଳନା କରାଯାଇଥିଲା। ମୁମ୍ବାଇ ପୋଲିସ ଅନୁଯାୟୀ, ଆକ୍ରମଣରେ ଟାଇଗର ଶ୍ରଫ ଆହତ ହୋଇନାହାଁନ୍ତି। ଏହି ଘଟଣା ଜୁହୁ ପୁଲିସ ଷ୍ଟେସନ ଅଞ୍ଚଳରେ ଘଟିଛି। ଏକ ବାଇକ୍‌ରେ ତିନି ଜଣ ଅଜ୍ଞାତ ବ୍ୟକ୍ତି ଅଭିନେତା ଟାଇଗର ଶ୍ରଫଙ୍କ କାର ଉପରେ ଗୁଳି ଚଳାଇଥିଲେ। ତଥାପି, ଘଟଣା ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ଆଖୁରୁ ଜୈବ ଇନ୍ଧନ ଉତ୍ପାଦନ ଉପରେ କଟକଣା

ନୂଆଦିଲ୍ଲୀ,(ଏଜେନ୍ସି): ଦେଶର ସାଧାରଣ ଖାଉଟିମାନଙ୍କ ସ୍ୱାର୍ଥ ରକ୍ଷା କରିବା ଏବଂ ନିତ୍ୟବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦରଦାମ ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ସରକାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଘରୋଇ ବଜାରରେ ଚିନିର ଆବଶ୍ୟକୀୟ ଉପଲବ୍ଧତା ବଜାୟ ରଖିବା ଏବଂ ଭବିଷ୍ୟତରେ ଏହାର ମୂଲ୍ୟ ବୃଦ୍ଧିକୁ ରୋକିବା ଲକ୍ଷ୍ୟରେ ଆଖୁ ରସ, ଚିନି ଏବଂ ବିଶେଷ ପ୍ରକାରର ଆଖୁ ବର୍ଜ୍ୟବସ୍ତୁରୁ ଜୈବ ଇନ୍ଧନ କ୍ରୟ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। ସରକାରଙ୍କ ଏହି କଠୋର ନିର୍ଦ୍ଦେଶ ପରେ ରାଷ୍ଟ୍ରାୟତ୍ତ ତୈଳ ସଂସ୍ଥାଗୁଡ଼ିକୁ ଏହିସବୁ ଉପାଦାନରୁ ପ୍ରସ୍ତୁତ ଜୈବ ଇନ୍ଧନ କ୍ରୟ ନକରିବା ପାଇଁ ସ୍ପଷ୍ଟ ଭାବେ କୁହାଯାଇଛି। ନଭେମ୍ବର ମାସରୁ ଆରମ୍ଭ ହେଉଥିବା ନୂତନ ଯୋଗାଣ ବର୍ଷରୁ ଏହି ନୂତନ ନିୟମ ଦେଶବ୍ୟାପୀ କାର୍ଯ୍ୟକାରୀ ହେବ।

ଚଳିତ ବର୍ଷ ମୌସୁମୀବାୟୁର ଅନିୟମିତତା ଏବଂ ମହାସାଗରୀୟ ଜଳବାୟୁ ପରିବର୍ତ୍ତନ ସୃଷ୍ଟି କରୁଥିବା ବିଶେଷ ପ୍ରତିକୂଳ ପରିସ୍ଥିତି ହେତୁ ଦେଶରେ ଗମ୍ଭୀର ଶୁଷ୍କତା ଦେଖାଦେଇଥିଲା। ଏହାର ପ୍ରତ୍ୟକ୍ଷ ପ୍ରଭାବ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଭଳି ଦେଶର ପ୍ରମୁଖ ଆଖୁ ଉତ୍ପାଦନକାରୀ ରାଜ୍ୟଗୁଡ଼ିକର ଚାଷକାର୍ଯ୍ୟ ଉପରେ ପଡ଼ିଥିଲା। ଆଖୁ ଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ଆଗାମୀ ଦିନରେ ଦେଶରେ ଚିନି ଉତ୍ପାଦନ ହ୍ରାସ ପାଇବା ନେଇ ଆଶଙ୍କା ପ୍ରକାଶ



ପାଇଛି। ଏଭଳି ସ୍ଥିତିରେ ବଜାରରେ ଯେପରି ଚିନିର ଅଭାବ ନଦେଖାଦିଏ ଏବଂ ଦରଦାମ ନିୟନ୍ତ୍ରଣ ବାହାରକୁ ନଯାଏ, ସେଥିପାଇଁ କେନ୍ଦ୍ର ସରକାର ସବୁଜ ଶକ୍ତି ନୀତି ତୁଳନାରେ ଦେଶର ଖାଦ୍ୟ ସୁରକ୍ଷାକୁ ପ୍ରାଥମିକତା ଦେଇଛନ୍ତି।

ସରକାରଙ୍କ ଏହି ନୂତନ ନୀତି ନିର୍ଦ୍ଦେଶ ପରେ ଦେଶର ପ୍ରମୁଖ ସାର୍ବଜନୀନ ତୈଳ ବିଶୋଧନାଗାର ସଂସ୍ଥାଗୁଡ଼ିକ ମିଳିତ ଭାବେ ଏକ ନୂତନ ଟେଣ୍ଡର ପ୍ରକାଶ କରିଛନ୍ତି। ନୂତନ ଯୋଗାଣ ବର୍ଷ ପାଇଁ ପ୍ରାୟ ଏଗାର ଶହ କୋଟି ଲିଟର ଜୈବ ଇନ୍ଧନ ଆବଶ୍ୟକ ଥିବା ବେଳେ, ଏହି ଟେଣ୍ଡରରେ ସ୍ପଷ୍ଟ କରାଯାଇଛି ଯେ ଚିନି କିମ୍ବା ଆଖୁ ରସରୁ ପ୍ରସ୍ତୁତ କୌଣସି ଜୈବ ଇନ୍ଧନ ବିଡ୍ ଗ୍ରହଣ କରାଯିବ ନାହିଁ। ବରଂ ଏହାର ବିକଳ୍ପ ଭାବେ ଶସ୍ୟ-ଆଧାରିତ ଉପାଦାନ, ଅତିରିକ୍ତ ଶସ୍ୟ, ଅଣ-ଚିନି ବର୍ଜ୍ୟବସ୍ତୁ, ନଷ୍ଟ ହୋଇଥିବା ଖାଦ୍ୟ ଶସ୍ୟ, ମକା ଏବଂ ଭାରତୀୟ ଖାଦ୍ୟ ନିଗମର ଗୋଦାମରେ ଥିବା ବଳକା ଚାଉଳକୁ ଜୈବ ଇନ୍ଧନ ଉତ୍ପାଦନ ପାଇଁ କଞ୍ଚାମାଲ ଭାବେ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି।

ଆଗାମୀ ପାର୍ବଣ ଋତୁରେ ସାଧାରଣ ଜନତାଙ୍କ ପାଇଁ ଚିନି ଯୋଗାଣ ସୁଗମ କରିବା ପାଇଁ ସରକାର ଚିନି ମିଲ୍‌ଗୁଡ଼ିକୁ ବିଶେଷ ସୁବିଧା ପ୍ରଦାନ କରିଛନ୍ତି। ନିୟମିତ ମାସିକ କୋଟା ବ୍ୟତୀତ ଅତିରିକ୍ତ ଭାବେ ଉତ୍ପାଦିତ ହେଉଥିବା ଚିନିକୁ ମଧ୍ୟ ଖୋଲା ବଜାରରେ ବିକ୍ରୟ କରିବାକୁ ସ୍ୱତନ୍ତ୍ର ଅନୁମତି ଦିଆଯାଇଛି, ଯାହାଦ୍ୱାରା ହାଟବଜାରରେ କୃତ୍ରିମ ଅଭାବ ସୃଷ୍ଟି ହୋଇପାରିବ ନାହିଁ। ଭାରତ ନିଜର ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ବହୁ ପୂର୍ବରୁ ପେଟ୍ରୋଲରେ କୋଡ଼ିଏ ପ୍ରତିଶତ ଜୈବ ଇନ୍ଧନ ମିଶ୍ରଣର ମହତ୍ତ୍ୱାକାଂକ୍ଷୀ ସଫଳତା ହାସଲ କରିସାରିଥିବାରୁ, ବର୍ତ୍ତମାନର ମୌସୁମୀ ସଙ୍କଟ ସମୟରେ ଖାଉଟିଙ୍କ ସ୍ୱାର୍ଥରକ୍ଷା ଓ ଚିନି ଦର ସ୍ଥିର ରଖିବାକୁ ସରକାର ସର୍ବୋଚ୍ଚ ଗୁରୁତ୍ୱ ଦେଇଛନ୍ତି।

ପିଲାଙ୍କ ପାଇଁ ଇଣ୍ଟରନେଟ୍ ବ୍ୟବହାର ଏକ ମୌଳିକ ଅଧିକାର: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,(ଏଜେନ୍ସି): ଆଜିର ଡିଜିଟାଲ ଯୁଗରେ ଇଣ୍ଟରନେଟ୍ ବା ଅନ୍ତର୍ଜାଳ କେବଳ ବୟସ୍କମାନଙ୍କ ପାଇଁ ସୀମିତ ନୁହେଁ, ବରଂ ନାବାଳକ ଏବଂ ଶିଶୁମାନଙ୍କ ପାଇଁ ମଧ୍ୟ ଏହା ଏକ ଅପରିହାର୍ଯ୍ୟ ମାଧ୍ୟମ ପାଲଟିଛି। ଏହି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରି ଦେଶର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, ପିଲାମାନଙ୍କ ପାଇଁ ଇଣ୍ଟରନେଟ୍ ବ୍ୟବହାର କରିବାର ଅଧିକାର ଭାରତୀୟ ସମ୍ବିଧାନର ଧାରା ୨୧ ଏବଂ ଧାରା ୧୯(୧)(କ) ଅନୁଯାୟୀ ଏକ ମୌଳିକ ଅଧିକାର ଅଟେ। ପିଲାମାନଙ୍କୁ ଏହି ଅଧିକାରରୁ ବଞ୍ଚିତ କରିବା କିମ୍ବା ସେମାନଙ୍କ ଇଣ୍ଟରନେଟ୍ ପ୍ରବେଶ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବାକୁ ଏକ ଅବାସ୍ତବ ତଥା ହାସ୍ୟାସ୍ପଦ ଚିନ୍ତାଧାରା ବୋଲି କହି ସର୍ବୋଚ୍ଚ ଅଦାଲତ ଏଭଳି ମତ ରଖିଛନ୍ତି। ପ୍ରତ୍ୟେକ ବ୍ୟକ୍ତିଙ୍କ ପରି ନାବାଳକମାନଙ୍କର ମଧ୍ୟ ଅନଲାଇନ୍ ମାଧ୍ୟମରେ ସ୍ୱାଧୀନ ଭାବେ ଭାବ ବିନିମୟ କରିବା ଏବଂ ସୂଚନା ହାସଲ କରିବାର ସାମ୍ବିଧାନିକ ଅଧିକାର ରହିଛି ବୋଲି କୋର୍ଟ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ଜଷ୍ଟିସ୍ ଜେ. ବି. ପାର୍ଦିୱାଲା ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମହତ୍ତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି କହିଛନ୍ତି ଯେ, ଆମର ପିଲାମାନେ ସେମାନଙ୍କ ବୟସ ଯାହା ହେଉନା କାହିଁକି, ସମାନ ସାମ୍ବିଧାନିକ ଅଧିକାରର ଅଧିକାରୀ ଅଟନ୍ତି। ପିଲାମାନଙ୍କ ସୁରକ୍ଷା ଏବଂ ସେମାନଙ୍କର ମତପ୍ରକାଶର ସ୍ୱାଧୀନତା କୌଣସି ପରିସ୍ଥିତିରେ ପରସ୍ପରର ବିରୋଧୀ ନୁହେଁ। ଯଦି ପିଲାମାନଙ୍କୁ ଅନ୍ୟାନ୍ୟ ଭୟ ଦେଖାଇ ଇଣ୍ଟରନେଟ୍ ବ୍ୟବହାରଠାରୁ ଦୂରେଇ ରଖାଯାଏ, ତେବେ ଅଭିଭାବକ କିମ୍ବା ବୟସ୍କମାନଙ୍କ ଦଣ୍ଡ ଭୟରେ ସେମାନେ ନିଜ ସହ ଘଟିଥିବା କୌଣସି ଅଘଟଣ କିମ୍ବା ଶୋଷଣ ସମ୍ପର୍କରେ କାହାକୁ ମଧ୍ୟ ଜଣାଇବାକୁ ସାହସ କରିବେ ନାହିଁ। ଏହାଦ୍ୱାରା ଶିଶୁ ସୁରକ୍ଷା ଆଇନର ମୂଳ ଉଦ୍ଦେଶ୍ୟ ଗଭୀର ଭାବେ ବ୍ୟାହତ ହେବ ଏବଂ ଅପରାଧୀମାନେ ଅଧିକ ସୁଯୋଗ ପାଇବେ। ତେଣୁ କେବଳ କଟକଣା ଲଗାଇବା ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ଅଦାଲତ ମତ ଦେଇଛନ୍ତି। ଏକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲାରୁ ଏହି ଆଇନଗତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅନଲାଇନ୍ ମାଧ୍ୟମରେ ଶିଶୁ ଯୌନ ଶୋଷଣ ଏବଂ ନିର୍ଯାତନା ସମ୍ବନ୍ଧୀୟ ଆପତ୍ତିଜନକ ସାମଗ୍ରୀର ପ୍ରସାର ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଖଣ୍ଡପୀଠ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ଆଇଟି ଆଇନ ଏବଂ ସମ୍ପୃକ୍ତ ନିୟମଗୁଡ଼ିକୁ କଡ଼ାକଡ଼ି ପାଳନ ନକଲେ ମଧ୍ୟସ୍ଥ ପ୍ଲାଟଫର୍ମଗୁଡ଼ିକ ଉପରେ ବାଧ୍ୟତାମୂଳକ ଭାବେ ଅତ୍ୟଧିକ ଆର୍ଥିକ ଜରିମାନା ଲଗାଯିବା ଦରକାର।

ଜାତୀୟ ଚେତନା
JATIYA CHETANA

Page-3, Bhubaneswar
October 19 to October 25, 2026

‘ଛାତ୍ରନେତା ସେବା ମନୋଭାବ ରଖନ୍ତୁ’

ଭୁବନେଶ୍ୱର,(ଜା.ପ୍ର): ଛାତ୍ରନେତାମାନେ ସେବା ମନୋଭାବ ରଖନ୍ତୁ। ଦାୟିତ୍ୱବାନ ହୋଇ କାର୍ଯ୍ୟ କରିବା ସହ ରାଜ୍ୟର ବିକାଶରେ ଭାଗୀଦାର ହୁଅନ୍ତୁ। ଗଣତନ୍ତ୍ରର ପ୍ରକୃତ ଶକ୍ତି ହେଉଛନ୍ତି ଯୁବବର୍ଗ। କିନ୍ତୁ, ଦୁଃଖର କଥା, ପୂର୍ବର ସରକାର ୨୦୧୭ ମସିହା ଠାରୁ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଦେଇଥିଲେ। ୮-୯ ବର୍ଷ ଧରି ଓଡ଼ିଶାରେ କଲେଜ ନିର୍ବାଚନ ହେଉ ନଥିଲା । ଆମ ସରକାରଙ୍କର ଏହା ଏକ ନିର୍ବାଚନ ପ୍ରତିଶ୍ରୁତି ଥିଲା, ଆମେ ତାକୁ ପୂରଣ କରିଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଓଡ଼ିଶାର କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିକଟରେ ଶେଷ ହୋଇଥିବା ଛାତ୍ରସଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ସଫଳତାକୁ ନେଇ କଟକର ଇନଡୋର୍ ଷ୍ଟାଡିୟମରେ ଆୟୋଜିତ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ବିଜୟୀ ପ୍ରାର୍ଥୀମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅଭିନନ୍ଦନ ଜଣାବା ସହ କହିଛନ୍ତି ଯେ ଏହି ବିଜୟ କେବଳ ନିର୍ବାଚନୀ ସଫଳତା ନୁହେଁ, ବରଂ ଯୁବପିଢ଼ିଙ୍କ ଆତ୍ମବିଶ୍ୱାସ, ସେବା ମନୋଭାବ ଓ ସକାରାତ୍ମକ ପରିବର୍ତ୍ତନର ପ୍ରତୀକ।ଏହି ବିଜୟ କେବଳ ଏକ ନିର୍ବାଚନୀ ବିଜୟ ନୁହେଁ, ବରଂ ଏହା ହେଉଛି ମୋଦୀଜୀଙ୍କ ନେତୃତ୍ୱ ପ୍ରତି ଓଡ଼ିଶାର ଯୁବଶକ୍ତିର ବିଶ୍ୱାସ ଓ ଭରସାର ବିଜୟ। ଓଡ଼ିଶାର ଯୁବପିଢ଼ି ଆଜି ନକାରାତ୍ମକ ରାଜନୀତି କିମ୍ବା ଭ୍ରାନ୍ତ ପ୍ରଚାରଠାରୁ ଦୂରେଇ ରହି, ସେବା, ରାଷ୍ଟ୍ରଭକ୍ତି ଏବଂ ସକରାତ୍ମକ ପରିବର୍ତ୍ତନର ମାର୍ଗକୁ ଆପଣାଉଥିବା ପ୍ରମାଣ କରି ଦେଖାଇଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୭ ମସିହାରୁ ରାଜ୍ୟରେ ବନ୍ଦ ରହିଥିବା ଛାତ୍ରସଂସଦ ନିର୍ବାଚନ ପୁନର୍ବାର ଆରମ୍ଭ କରିବା ସରକାରଙ୍କ ନିର୍ବାଚନୀ ପ୍ରତିଶ୍ରୁତି ଥିଲା। ୨୦୨୪ ଡିସେମ୍ବରରେ କଟକରେ ଅନୁଷ୍ଠିତ ଏବିଭିପିର ରାଜ୍ୟସ୍ତରୀୟ ସମ୍ମିଳନୀରେ ସାରା ଓଡିଶାର ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଇଛି। ଛାତ୍ରଛାତ୍ରୀଙ୍କ ଉପରେ ଭରସା ରଖି ନିର୍ବାଚନ କରାଯାଇଥିବାବେଳେ ଏହା ମୋଟାମୋଟି ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଥିବାରୁ ସମଗ୍ର ଛାତ୍ରସମାଜକୁ ମୁଖମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାକୁ ସୁଗମ କରିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ‘କେଜିରୁ ପିଜି’ ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷା, ନବମ ଓ ଦଶମ ଶ୍ରେଣୀରେ ମାଗଣା ପାଠ୍ୟପୁସ୍ତକ ବଣ୍ଟନ, କନ୍ୟା ସୁମଙ୍ଗଳ ଯୋଜନା ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭଳି ପଦକ୍ଷେପ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବ। ଭୁବନେଶ୍ୱର ଓ କଟକ ଭଳି ସହରରେ ପଢ଼ିବାକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ହଷ୍ଟେଲ ସମସ୍ୟାର ସମାଧାନ ପାଇଁ ସରକାର ସୁଲଭ ମୂଲ୍ୟରେ ହଷ୍ଟେଲ ନିର୍ମାଣ କରିବେ। ଏଥିରେ ରିଡିଂ ରୁମ୍, ମେସ୍ ଓ ‘ଆମ ବସ୍’ ସେବାର ସୁବିଧା ରହିବ। ଏହାସହ ୟୁପିଏସସି ପରୀକ୍ଷା ପାଇଁ କୋଚିଂ ସୁବିଧା ବୃଦ୍ଧି ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି। ଛାତ୍ରନେତାମାନେ କେବଳ ରାଜନୀତିରେ ସୀମିତ ନ ରହି ସାଧାରଣ ଛାତ୍ରଛାତ୍ରୀଙ୍କ ସମସ୍ୟା, କ୍ରୀଡ଼ା, ସାଂସ୍କୃତିକ ବିକାଶ ଓ ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ କାମ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କ୍ୟାମ୍ପସଗୁଡ଼ିକୁ ନିଶାମୁକ୍ତ ଓ ହିଂସାମୁକ୍ତ କରିବା ସହ ‘ଡ୍ରଗ୍ସ ଓ ଆଲକହଲକୁ ନା’ ବାର୍ତ୍ତାକୁ ଯୁବସମାଜ ମଧ୍ୟରେ ପ୍ରସାର କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏଥିସହ ସାମାଜିକ ଗଣମାଧ୍ୟମର ସଦୁପଯୋଗ କରିବା, ଅପପ୍ରଚାରର ଜବାବ ସକାରାତ୍ମକ ବାର୍ତ୍ତା ମାଧ୍ୟମରେ ଦେବା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଜଣାଇବାକୁ ସେ ଛାତ୍ରଛାତ୍ରୀଙ୍କୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ,ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳନନ୍ଦ ମଲ୍ଲିକ , ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

ପୁଣି ତେଙ୍କିଲା କୋଟିଆ ଝାମେଲା

ଭୁବନେଶ୍ୱର,(ଜା.ପ୍ର): କୋରାପୁଟର ସୀମାନ୍ତ କୋଟିଆ ଅଞ୍ଚଳ। ଏହି ପଞ୍ଚାୟତ ଅଧିନରେ ରହିଛି ଫଗୁଣସିନେରୀ, ଗଞ୍ଜେଇପଦର ଓ ଫାଟୁସିନେରୀ ଗାଁ। ବିଗତ ବର୍ଷରେ ପାର୍ବତୀପୁରମ ମାନ୍ୟମ୍ ଜିଲ୍ଲାର ସାଲୁର ବ୍ଲକ ଅଧୀନରେ ଏସବୁ ଗାଁକୁ ନିଜର ଦର୍ଶାଇ ସେଠାରେ ୨୦୨୧ରେ ପଞ୍ଚାୟତ ନିର୍ବାଚନ କରିଥିଲେ ଆନ୍ଧ୍ର ସରକାର। ଯାହାକୁ ନେଇ ସେତେବେଳେ ସୃଷ୍ଟି ହୋଇଥିଲା ବିବାଦ। ସର୍ବଦଳୀୟ ନେତାଙ୍କ ବିରୋଧ ଓ ପୁଲିସ ସହ ଧସ୍ତାଧସ୍ତି ଭଳି ଘଟଣା ମଧ୍ୟ ସାମ୍ନାକୁ ଆସିଥିଲା। ଏବେ ପୁଣିଥରେ ପଡ଼ୋଶୀ ରାଜ୍ୟ ଆନ୍ଧ୍ରରେ ପୌର ଓ ପଞ୍ଚାୟତ ନିର୍ବାଚନ ପାଇଁ ଘୋଷଣା ହୋଇସାରିଛି ତାରିଖ। ନଭେମ୍ବର ୨୬, ୨୯ ଓ ଡିସେମ୍ବର ୨ ତାରିଖରେ ହେବ ପଞ୍ଚାୟତ ନିର୍ବାଚନ। ଗତଥର ଭଳି ଏଥର ବି କୋଟିଆ ପଞ୍ଚାୟତର ଏହି ୩ ଗାଁରେ ଆନ୍ଧ୍ର ନିର୍ବାଚନ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହାରି ଭିତିରେ ଗତକାଲି କଂଗ୍ରେସ୍‌ର ଏକ ପ୍ରତିନିଧି ଦଳ କୋଟିଆ ଗସ୍ତ କରି ସେଠାକାର ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର-୭୫୧୦୧୨

ପ୍ରଦୂଷଣମୁକ୍ତ ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାଳୀପୂଜା ତଥା ସରସ୍ୱତୀ ପୂଜା ପାଳନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ନିବେଦନ

ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ ସଂଖ୍ୟା VISC(LEM)Proj-64/25-26/emerg ତା me/୮/୨୦୨୬

- ମୂର୍ତ୍ତି ନିର୍ମାଣରେ ପୋଡା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ ।
- ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ ।
- ମୂର୍ତ୍ତିର ଉଚ୍ଚତାକୁ ୨୦ ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ ଫୁଟ ମଧ୍ୟରେ ସୀମିତ ରଖନ୍ତୁ ।
- ପୂଜା ପରେ ମୂର୍ତ୍ତିକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜ୍ଜନ କରନ୍ତୁ ।
- ବିସର୍ଜ୍ଜନ ପୂର୍ବରୁ ମୂର୍ତ୍ତି ଓ ମେଢରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତିରୁ କାଢି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ସ୍ଥାନରେ ପକାନ୍ତୁ । ଏହାକୁ ବିସର୍ଜ୍ଜନ ସ୍ଥଳରେ ପୋଡନ୍ତୁ ନାହିଁ ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ ।

ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ

- ଜନ ସାଧାରଣଙ୍କୁ ମୂର୍ତ୍ତି ବିସର୍ଜ୍ଜନ ଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ ।
- ଜନ ସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବାକୁ ସଚେତନ କରନ୍ତୁ ।
- ସଂପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ଏଠାରେ ବିସର୍ଜ୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତି ବିସର୍ଜ୍ଜନ ନିମନ୍ତେ ମାଟିବନ୍ଧ ଓ synthetic liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସମସ୍ତ ପୂଜା କମିଟିମାନଙ୍କୁ ଏହି ପୋଖରୀରେ ମୂର୍ତ୍ତି ବିସର୍ଜ୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ ।
- ମୂର୍ତ୍ତି ବିସର୍ଜ୍ଜନ ହେବାର ୨୪ ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜ୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal dumpsite କୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷ୍କାସିତ କରାଯାଇପାରେ ।

ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ

- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣନ୍ତୁ । ସାଜସଜ୍ଜା ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ ।
- ପୂଜା ପରେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀକୁ ନିଜ ଘରେ ବିସର୍ଜ୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜ୍ଜନ କରନ୍ତୁ ।
- ବ୍ୟବହୃତ ପୂଜା ସାମଗ୍ରୀକୁ ଜରିରେ ବାନ୍ଧି କୌଣସି ନଦୀ କିମ୍ବା ପୋଖରୀରେ ନ ଫୋପାଡି ଚିହ୍ନଟ ବିସର୍ଜ୍ଜନ ସ୍ଥଳୀରେ ପକାନ୍ତୁ ।

ଫାଇନ୍ ଓ ଦଣ୍ଡ ବ୍ୟବସ୍ଥା

Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021 ଅନୁଯାୟୀ, ମୂର୍ତ୍ତି କାରିଗର ମାନେ ରୁଲ୍ ୩ ର ଅବମାନନା କଲେ, ସଂପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତି ତିଆରିରୁ ବାସନ୍ଦ ହେବେ । ଏହା ବ୍ୟତୀତ ମୂର୍ତ୍ତି ନିର୍ମାତା ମାନଙ୍କର ରେଜିଷ୍ଟ୍ରେସନ ଫି ମଧ୍ୟ ଜବତ କରାଯିବ ।

ପୂଜା କମିଟି କର୍ମକର୍ତ୍ତା ମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ ର ଅବମାନନା ହେଲେ, ସଂପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନଲିଖିତ ଲୋରିମାନା ଆଦାୟ କରାଯିବ ।

- ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା ;
- ମୁନିସିପାଲିଟି କିମ୍ବା NAC ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା ;
- ମୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା ।

ଆସନ୍ତୁ ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା ।

ବି.ଦ୍ର. : ଏ ସମ୍ପର୍କୀୟ ବିଶଦ ବିବରଣୀ **"The Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021** ରେ ମିଳିପାରିବ।
(Weblink:http://ospcboard.org/wp-content/uploads/2022/02/1741-F-E-Idol-Immersion-Rule-by-Odisha.pdf)

ସଦସ୍ୟ ସଚିବ

ଜାତୀୟ ଚେତନା
JATIYA CHETANA

ଅବକ୍ଷୟମୁଖୀ ମାନବୀୟ ମୂଲ୍ୟବୋଧ

ମଣିଷ ଏକ ସାମାଜିକ, ସ୍ନେହଶୀଳ ଏବଂ ଭାବପ୍ରବଣ ପ୍ରାଣୀ। ତା'ର ସ୍ୱଭାବ, ଅସ୍ତିତ୍ୱ ଏବଂ ସଂସ୍କୃତି କେବଳ ନିଜ ଜାତି ମଧ୍ୟରେ ସୀମିତ ନୁହେଁ, ବରଂ ପଶୁପକ୍ଷୀ, ବୃକ୍ଷଲତା, ପ୍ରକୃତି ଏବଂ ଏହି ସୃଷ୍ଟିର ପ୍ରତ୍ୟେକ ସଜୀବ ଓ ନିର୍ଜୀବ ଉପାଦାନ ସହିତ ଏକ ଗଭୀର ଆତ୍ମୀୟତାର ସୂତ୍ରରେ ବନ୍ଧା। ଏହି ଅହେତୁକ ପ୍ରେମ, ସହାନୁଭୂତି ଏବଂ ସ୍ନେହର ବନ୍ଧନ ହିଁ ମାନବ ସମାଜକୁ ଏକସୂତ୍ରରେ ବାନ୍ଧି ରଖିବାର ମୂଳଦୁଆ ସାଜିଛି। ଏହା ପରସ୍ପର ମଧ୍ୟରେ ସମ୍ପର୍କକୁ ମଜଭୁତ କରିବା ସହିତ ଜୀବନକୁ ଏକ ଶାନ୍ତିପୂର୍ଣ୍ଣ, ସନ୍ତୁଳିତ ଏବଂ ସୁସ୍ଥ ପଥରେ ପରିଚାଳିତ କରିଥାଏ। ମାତ୍ର ଦୁଃଖର ବିଷୟ, ଆଜିର ଏହି ଅତ୍ୟାଧୁନିକ, ଯାନ୍ତ୍ରିକ ଏବଂ ଅଧିକ ଭୋଗବାଦୀ ସମାଜରେ ମଣିଷର ହୃଦୟରୁ ସେହି ନିର୍ମଳ ସ୍ନେହ-ଶ୍ରଦ୍ଧାର ସ୍ରୋତ ଦିନକୁ ଦିନ ଶୁଖିଜିବାକୁ ବସିଲାଣି। ମନରୁ ଦୟା, କ୍ଷମା, ପରୋପକାର ଏବଂ ଆନ୍ତରିକତା ଭଳି ମହାନ ଗୁଣଗୁଡ଼ିକ ଧୀରେ ଧୀରେ ଲୁପ୍ତ ହେବାକୁ ବସିଥିବାବେଳେ ସ୍ୱାର୍ଥପରତା ଓ କୃତ୍ରିମତା ସେଗୁଡ଼ିକର ସ୍ଥାନ ଦଖଲ କରିଛି।

ଏହି ମାନବିକ ଅବକ୍ଷୟର ପରିଣାମ ସ୍ୱରୂପ ଆଜି ସମାଜର ଚତୁର୍ଦ୍ଦିଗରେ ଅଶାନ୍ତି, ଅରାଜକତା, ଅସ୍ଥିରତା ଏବଂ ଚରମ ବିପର୍ଯ୍ୟୟର ଛାୟା ମାଡ଼ିଚାଲିଛି। ବିଶ୍ୱବ୍ୟାପୀ ହିଂସା, ଯୁଦ୍ଧ, ସଂଘର୍ଷ ଏବଂ ରକ୍ତପାତ ସାଧାରଣ ଘଟଣା ପାଲଟିଥିବାବେଳେ କେତେ କେତେ ଅମୂଲ୍ୟ ନିରୀହ ଜୀବନ ଅକାଳରେ ଝଡ଼ିପଡୁଛି। ଅନ୍ୟପଟେ ମଣିଷର ଅବିଚାରିତ କାର୍ଯ୍ୟକଳାପ, ପ୍ରକୃତି ପ୍ରତି ଅତ୍ୟାଚାର ଏବଂ ପରିବେଶ ସନ୍ତୁଳନ ନଷ୍ଟ ହେବା କାରଣରୁ ପ୍ରକୃତି ମଧ୍ୟ କୋପପରାୟଣ ହୋଇଉଠିଛି। ବାରମ୍ବାର ଘଟୁଥିବା ଭୀଷଣ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା, ବାତ୍ୟା, ଭୂମିକମ୍ପ ଏବଂ ମରୁଡ଼ି ଆଜି ମାନବ ସମାଜ ପାଇଁ ଏକ ମହାବିନାଶର ଘଣ୍ଟି ବଜାଉଛି।

ଆଜିକାଲି ସମାଜର ଅବସ୍ଥା ଆମ୍ଭକୁ ଗଭୀର ଭାବରେ ଚିନ୍ତାଗ୍ରସ୍ତ କରିଥାଏ। ଘରେ ଘରେ ପୂଜାପାଠ, ବ୍ରତ-ଉପବାସ, ମନ୍ଦିର ଦର୍ଶନ ଏବଂ ବିଭିନ୍ନ ଧର୍ମାନୁଷ୍ଠାନର ଆୟୋଜନ ବୃଦ୍ଧି ପାଉଥିବା ଦେଖାଯାଉଛି, ମାତ୍ର ସେସବୁ ପଛରେ କୌଣସି ସଚ୍ଚା ଭକ୍ତି କିମ୍ବା ଆନ୍ତରିକତା ନାହିଁ। ବରଂ ଏହା ସବୁ ଏକ ଅର୍ଥହୀନ ଲୋକଦେଖାଣିଆ ଆଡ଼ମ୍ବର ଏବଂ ପ୍ରଦର୍ଶନରେ ପରିଣତ ହୋଇଛି। ମଣିଷ ମନରୁ ଆସ୍ଥା, ବିଶ୍ୱାସ ଏବଂ ସତ୍ୟନିଷ୍ଠା ତୁଟିଯାଇଥିବାରୁ ସେ ବାହାରୁ ହସୁଥିଲେ ମଧ୍ୟ ଭିତରେ ଭିତରେ ନୈରାଶ୍ୟ, ଏକାକୀତ୍ୱ ଏବଂ ଅନ୍ତଃସାରଶୂନ୍ୟ ଅଶାନ୍ତିରେ ଛଟପଟ ହେଉଛି। ପରସ୍ପର ସହିତ ସମ୍ପର୍କଗୁଡ଼ିକ ଆଉ ଆନ୍ତରିକ ନହୋଇ ସମ୍ପୂର୍ଣ୍ଣ ଭାବେ କୃତ୍ରିମ, ଛଳନାପୂର୍ଣ୍ଣ ଏବଂ ସ୍ୱାର୍ଥକୈନ୍ଦ୍ରିକ ହୋଇପଡ଼ିଛି। ଏହି ବ୍ୟାପକ ଅବକ୍ଷୟ ଆଜି ଆମ ପରିବାର, ଗ୍ରାମ, ସମାଜ ଏବଂ ରାଷ୍ଟ୍ରୀୟ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସ୍ପଷ୍ଟ ଭାବେ ଅନୁଭୂତ ହେଉଛି। ଯେଉଁ ମାଟି, ପାଣି ଓ ପବନରେ ଲାଳିତପାଳିତ ହୋଇ, ଯେଉଁ ଗାଁର ସ୍କୁଲରେ ପାଠ ପଢ଼ି ମଣିଷ ଆଜି ସମାଜରେ ପ୍ରତିଷ୍ଠିତ ହେଉଛି, ସେ ସହରୀ ଜୀବନର ଚକଚକ୍ୟ ଓ ଆକର୍ଷଣରେ ପଡ଼ି ସେହି ନିଜର ଜନ୍ମମାଟିକୁ ସମ୍ପୂର୍ଣ୍ଣ ଭୁଲିଯାଉଛି। ଗାଁକୁ ଫେରିବାକୁ କିମ୍ବା ଗ୍ରାମାଞ୍ଚଳର ମଣିଷଙ୍କ ସହ ସମ୍ପର୍କ ରଖିବାକୁ ସେମାନେ ନାରାଜ। ନୂତନ ପିଢ଼ିର ଯୁବଗୋଷ୍ଠୀ ମଧ୍ୟ ଆଜି ନିଜର ମୂଳସୂତ୍ର, ସଂସ୍କୃତି ଏବଂ ମାଟିର ମହକଠାରୁ କ୍ରମଶଃ ଦୂରେଇ ଯାଉଛନ୍ତି।

ପରିବାର ଭିତରେ ପାରସ୍ପରିକ ପ୍ରୀତି, ବିଶ୍ୱାସ ଓ ବୁଝାମଣାର ବନ୍ଧନ ଆଉ ପୂରି ରହିନାହିଁ। ସ୍ୱାମୀ-ସ୍ତ୍ରୀ, ପିତା-ମାତା ଓ ସନ୍ତାନ ଏବଂ ଭାଇ-ଭଉଣୀଙ୍କ ମଧ୍ୟରେ ସେହି ପୁରୁଣା ଆତ୍ମୀୟତାର ସୂତାଖିଅ ବହୁତ ଶିଥିଳ ହୋଇଗଲାଣି। ଜୀବନସାରା ଅଜସ୍ର କଷ୍ଟ ସହି, ନିଜର ସୁଖ-ଆରାମକୁ ଜଳାଞ୍ଜଳି ଦେଇ ସନ୍ତାନକୁ ମଣିଷ କରିଥିବା ମାତାପିତାଙ୍କ ତ୍ୟାଗ ଓ ସାଧନା ଆଜିର ସମାଜରେ ମୂଲ୍ୟହୀନ ସାବ୍ୟସ୍ତ ହେଉଛି। ବାର୍ଦ୍ଧକ୍ୟରେ ପାଦ ଦେଇଥିବା ବାପା-ମାଆଙ୍କୁ ଆଜି ଅନେକ ସନ୍ତାନ ବୋଝ ବୋଲି ମନେ କରୁଛନ୍ତି। ସେବା-ଯତ୍ନ ଏବଂ ଆଦରର ଅଭାବରୁ ବୃଦ୍ଧ ପିତାମାତାମାନେ ରୋଗ, ଶୋକ ଓ ଅବହେଳାରେ ଛଟପଟ ହୋଇ ଜରାଶ୍ରମ କିମ୍ବା ମଠ-ମନ୍ଦିରର କରିଆରେ ଦିନ କାଟୁଛନ୍ତି। ଆଜିର ଏଭଳି ଏକ ଅମାନୁଷିକ ସମାଜରେ କେତେକ କ୍ଷେତ୍ରରେ ନିଜର କ୍ଷଣିକ ସ୍ୱାର୍ଥ ଓ ସମ୍ପତ୍ତି ପାଇଁ ସନ୍ତାନମାନେ ନିଜ ଜନ୍ମଦାତାଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିବାକୁ ମଧ୍ୟ ପଛାଉନାହାନ୍ତି, ଯାହା ସମଗ୍ର ମାନବଜାତି ପାଇଁ ଏକ ବଡ଼ କଳଙ୍କ।

ଅନ୍ୟପଟେ ଆଜିର ରାଜନୈତିକ ବ୍ୟବସ୍ଥା ଏବଂ ନେତୃତ୍ୱ ମଧ୍ୟ ଏହି ଅବକ୍ଷୟରୁ ମୁକ୍ତ ନୁହେଁ। ଅଧିକାଂଶ ନେତାଙ୍କ ମନରେ ନିଜ ଦେଶ, ଅଞ୍ଚଳ, ଜନସାଧାରଣ କିମ୍ବା ଦଳର କର୍ମୀମାନଙ୍କ ପ୍ରତି କୌଣସି ଆନ୍ତରିକ ପ୍ରୀତି ବା ଦାୟିତ୍ୱବୋଧ ନାହିଁ। ନିର୍ବାଚନ ଆସିଲେ କ୍ଷଣିକ ପ୍ରୀତି ଓ ମିଥ୍ୟା ପ୍ରତିଶ୍ରୁତିର ଜାଲ ବୁଣି ଭୋଟ ହାସଲ କରିନେବା ପରେ ସେମାନେ ଜନସାଧାରଣଙ୍କୁ ପାସୋରି ପକାନ୍ତି। କର୍ମୀଙ୍କ ଦୁଃଖ ଦୁର୍ଦ୍ଦଶା କିମ୍ବା ଅଞ୍ଚଳର ବିକାଶ ସେମାନଙ୍କ ପାଇଁ ଗୌଣ ହୋଇଯାଏ। ଫଳରେ ଏଭଳି ସ୍ୱାର୍ଥପର ନେତାମାନଙ୍କୁ ଶେଷରେ ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବାକୁ ପଡ଼େ। ଏହାଛଡ଼ା, ନିଜର ମାଟି, ମାତୃଭାଷା, ସାହିତ୍ୟ, ସଂସ୍କୃତି ଏବଂ ପରମ୍ପରା ପ୍ରତି ସ୍ୱାଭିମାନ ଓ ପ୍ରେମର ଅଭାବ ଆମ ଜାତୀୟ ପ୍ରଗତି ଏବଂ ସ୍ୱାଧୀନତାର ଗୌରବକୁ କ୍ଷୁଣ୍ଣ କରୁଛି। ଏହି ସବୁ ପରିସ୍ଥିତିରୁ ଏହା ସ୍ପଷ୍ଟ ଯେ, ସ୍ୱାର୍ଥପରତା, ଛଳନା ଓ କୃତ୍ରିମତାର 'ପ୍ରୀତି ଦଂଶନ' ଆଜି ସମାଜର ପ୍ରତିଟି ରକ୍ତକୋଷରେ ବିଷ ଭଳି ବ୍ୟାପିଯାଇଛି। ଏହି ଜ୍ୱାଳାରେ ଦଗ୍ଧୀଭୂତ ହୋଇ ନିରବରେ ଛଟପଟ ହେବା ପରିବର୍ତ୍ତେ ଆମକୁ ପୁଣିଥରେ ଏକଜୁଟ୍ ହେବାକୁ ପଡ଼ିବ। ହୃଦୟରୁ ସମସ୍ତ କପଟତା ଦୂର କରି ନିଷ୍କପଟ ପ୍ରେମ, ସ୍ନେହ, ଦୟା ଏବଂ ଆନ୍ତରିକତାର ବୀଜ ପୁନର୍ବାର ବପନ କରିବାକୁ ହେବ। ପରସ୍ପରକୁ ଆପଣାର କରି, ମାନବୀୟ ମୂଲ୍ୟବୋଧକୁ ସମ୍ମାନ ଜଣାଇ ଏବଂ ପ୍ରକୃତି ସହିତ ମିତ୍ରତା ସ୍ଥାପନ କରି ଏକ ସୁସ୍ଥ, ସୁନ୍ଦର, ସ୍ନେହପୂର୍ଣ୍ଣ ଏବଂ ଶାନ୍ତିପୂର୍ଣ୍ଣ ସମାଜ ଗଠନ କରିବା ହିଁ ଆଜିର ସମୟର ସବୁଠାରୁ ପବିତ୍ର ଏବଂ ଏକମାତ୍ର କର୍ତ୍ତବ୍ୟ।

ଜିଡିପିର ସୀମାବଦ୍ଧତା ଏବଂ ପ୍ରକୃତ ବିକାଶର ମାପକାଠି

ମୋନାଲିସା ପାଣିଗ୍ରାହୀ

ଆଜିର ବିଶ୍ୱ ବ୍ୟବସ୍ଥାରେ ଅର୍ଥନୈତିକ ପ୍ରଗତିର ସବୁଠାରୁ ବଡ଼ ପ୍ରତୀକ ହେଉଛି ମୋଟ୍ ଘରୋଇ ଉତ୍ପାଦ ବା ଜିଡିପି। କିନ୍ତୁ ଏହା ସବୁକିଛି ନୁହେଁ। ଜିଡିପି ବଢ଼ିଲେ ଅର୍ଥନୀତି ବଢୁଛି ଏବଂ ଅର୍ଥନୀତି ବଢ଼ିଲେ ଦେଶ ଆଗକୁ ବଢୁଛି ବୋଲି ଏପରି ଏକ ସରଳ ସମୀକରଣ ଆମ ଚିନ୍ତାଧାରାରେ ଗଭୀର ଭାବେ ପ୍ରବେଶ କରିଛି। କିନ୍ତୁ ଏଠି ଏକ ମୌଳିକ ପ୍ରଶ୍ନ ଉଠେ- ଜିଡିପି ବୃଦ୍ଧି କ'ଣ ପ୍ରକୃତରେ ମଣିଷର ଜୀବନକୁ ବା ଜୀବନର ଗୁଣାତ୍ମକ ଦିଗକୁ ଉନ୍ନତ କରୁଛିକି ? ଅଧିକ ଉତ୍ପାଦନ ଓ ଅଧିକ ଖର୍ଚ୍ଚ କ'ଣ ଅଧିକ ସୁଖ, ସୁରକ୍ଷା, ସ୍ୱାସ୍ଥ୍ୟ ଓ ଜୀବନ ମାନର ନିଶ୍ଚିତତା ଦେଉଛି ? ବାସ୍ତବରେ ଜିଡିପି ହେଉଛି ଏକ ଆର୍ଥିକ ହିସାବର ମାପକ। ଏହା ଏକ ଦେଶର ନିର୍ଦ୍ଦିଷ୍ଟ ସମୟରେ ଉତ୍ପାଦିତ ଅନ୍ତିମ ପଣ୍ୟ ଓ ସେବାର ମୋଟ୍ ବଜାର ମୂଲ୍ୟକୁ ମାପେ। ଏହା ଅର୍ଥନୈତିକ କାର୍ଯ୍ୟକଳାପର ପରିମାଣ ବିଷୟରେ ଆମକୁ ଏକ ଧାରଣା ଦିଏ। କିନ୍ତୁ ଜିଡିପି ମଣିଷ କେତେ ଖୁସି, କେତେ ସୁସ୍ଥ, କେତେ ସୁରକ୍ଷିତ କିମ୍ବା କେତେ ସମ୍ମାନର ସହିତ ବଞ୍ଚୁଛି, ତାହା ମାପେନାହିଁ। ଜୀବନର ଗୁଣ, ମାନବୀୟ ସମ୍ପର୍କ, ସାମାଜିକ ନ୍ୟାୟ, ମାନସିକ ଶାନ୍ତି, ସମୟର ସ୍ୱାଧୀନତା ଓ ଭବିଷ୍ୟତ ପ୍ରତି ନିରାପତ୍ତା- ଏସବୁ ଜିଡିପିର ହିସାବ ବାହାରେ ରହିଯାଏ ।

ଜଣେ ମହିଳା ପିଲାଟିଏ ଜନ୍ମ କଲାବେଳେ ଯେଉଁ କଷ୍ଟ ଏବଂ ପରେ ଯେଉଁ ଆନନ୍ଦ ଓ ଖୁସି ଅନୁଭବ କରେ ତାହା ଜିଡିପିରେ ପ୍ରତିଫଳିତ ହୁଏନାହିଁ। କେବଳ ଯେଉଁ ଖର୍ଚ୍ଚହୁଏ ତାହା ଜିଡିପିରେ ପ୍ରତିଫଳିତ ହୁଏ। ଧନୀମାନେ ଅଧିକ ବ୍ୟୟ କଲେ ମଧ୍ୟ ଜିଡିପି ବୃଦ୍ଧି ପାଇଥାଏ। ଆଉ ଏକ ଉଦାହରଣ ହେଲା, କଟକର ବାଲିଯାତ୍ରାକୁ ଲକ୍ଷ ଲକ୍ଷ ଲୋକ ଆସୁଛନ୍ତି। ସେମାନେ ଖାଦ୍ୟ କିଣୁଛନ୍ତି, ପୋଷାକ କିଣୁଛନ୍ତି, ଯାତାୟାତ ପାଇଁ ଖର୍ଚ୍ଚ କରୁଛନ୍ତି, ଦୋକାନରେ କିଣାକିଣି କରୁଛନ୍ତି। ଏହି ସମସ୍ତ ଖର୍ଚ୍ଚ ଅର୍ଥନୈତିକ କାର୍ଯ୍ୟକଳାପକୁ ବଢ଼ାଏ ଏବଂ ଜିଡିପିରେ ପ୍ରତିଫଳିତ ହୋଇପାରେ। କିନ୍ତୁ ବାଲିଯାତ୍ରାରେ ପରିବାର ସହ ବୁଲିବାର ଆନନ୍ଦ, ଶିଶୁମାନଙ୍କ ଉତ୍ସାହ, ପରିବାରିକ ସମ୍ପର୍କର ଉଷ୍ମତା, ସାଂସ୍କୃତିକ ଅନୁଭୂତି ଓ ସାମୂହିକ ଆନନ୍ଦକୁ ଜିଡିପି ମାପିପାରେନାହିଁ। ଅର୍ଥାତ୍ ଜିଡିପି ଖର୍ଚ୍ଚକୁ ଦେଖେ, କିନ୍ତୁ ସେହି ଖର୍ଚ୍ଚ ପଛରେ ଥିବା ମାନବୀୟ ଅନୁଭୂତିକୁ ଦେଖେନାହିଁ। ଏହାର ବିପରୀତ ଏକ ଅଦ୍ଭୁତ ଦିଗ ମଧ୍ୟ ରହିଛି। ଦୁର୍ଘଟଣା ଘଟିଲେ ଆମ୍ବୁଲାନ୍ସ ସେବା, ହସ୍ପିଟାଲ ଚିକିତ୍ସା, ଔଷଧ, ଅପରେସନ, ପରୀକ୍ଷା ଓ ଅନ୍ୟାନ୍ୟ ସେବାପାଇଁ ବହୁ ଟଙ୍କା ଖର୍ଚ୍ଚହୁଏ। ଏହି ଖର୍ଚ୍ଚ ଅର୍ଥନୈତିକ କାର୍ଯ୍ୟକଳାପକୁ ବଢ଼ାଏ। ଜିଡିପି ଦୃଷ୍ଟିରୁ ଏହା ଉତ୍ପାଦନ ଓ ସେବାର ମୂଲ୍ୟ ବଢ଼ାଇପାରେ। କିନ୍ତୁ ଦୁର୍ଘଟଣା, ରୋଗ, ଅସୁସ୍ଥତା ଓ ମାନବୀୟ ଯନ୍ତ୍ରଣା କ'ଣ ସମାଜର କଲ୍ୟାଣ ବଢ଼ାଇଛି ? ନିଶ୍ଚିତ ଭାବରେ ନୁହେଁ। ଦୁର୍ଘଟଣା, ରୋଗ ଓ ଅସୁସ୍ଥତା ଦ୍ୱାରା ଯିଏ କ୍ଷତିଗ୍ରସ୍ତ ହେଉଛନ୍ତି ବା ଯନ୍ତ୍ରଣା ବା କଷ୍ଟ ଭୋଗୁଛନ୍ତି ତାହା ଜିଡିପି ଦ୍ୱାରା ପ୍ରତିଫଳିତ ହୋଇନଥାଏ। ସେହିପରି ଜଣେ ମଦ କ୍ରୟକରି ପିଇଲା, ଦୁର୍ଘଟଣାର ସମ୍ମୁଖୀନ ହୋଇ ଚିକିତ୍ସାଧୀନ ହୋଇ ଅର୍ଥ ବ୍ୟୟ କଲେ, ପରେ ମୃତ୍ୟୁବରଣ କଲେ ଏବଂ ତାଙ୍କ ଶବ ସଂସ୍କାର, ଶୁଦ୍ଧିକ୍ରିୟାରେ ଟଙ୍କା ଖର୍ଚ୍ଚହେଲା। ପ୍ରତି ପର୍ଯ୍ୟାୟରେ ଯେଉଁ ଟଙ୍କା ଖର୍ଚ୍ଚ ହୋଇଥିଲା ତାହା ଜିଡିପି ବୃଦ୍ଧିକଲା। ଅର୍ଥାତ୍ ମଦ ପିଇବା, ଦୁର୍ଘଟଣା, ମୃତ୍ୟୁରେ ମଧ୍ୟ ଜିଡିପି ବୃଦ୍ଧିପାଏ। ଏହିଠାରେ ଜିଡିପିର ଏକ ମୌଳିକ ସୀମାବଦ୍ଧତା ସ୍ପଷ୍ଟ ହୋଇଯାଏ। ଏହା ଅର୍ଥନୈତିକ କାର୍ଯ୍ୟକଳାପକୁ ବିଚାର କରେ ବା ଏକ ଆର୍ଥିକ ବର୍ଷରେ ଦ୍ରବ୍ୟ ଓ ସେବାର ମୂଲ୍ୟକୁ ବିଚାରକୁ ନିଏ, କିନ୍ତୁ ସେହି କାର୍ଯ୍ୟକଳାପ ମଣିଷର ଜୀବନକୁ ଭଲ କରୁଛି କି ଖରାପ, ତାହା ବିଚାର କରେନାହିଁ ।

ଏହି କାରଣରୁ ଅର୍ଥନୈତିକ ବିକାଶକୁ କେବଳ ଜିଡିପି ବୃଦ୍ଧି ସହ ସମାନ କରିବା ଏକ ଗୁରୁତର ଭୁଲ୍। ଅର୍ଥନୈତିକ ବୃଦ୍ଧି ହେଉଛି ବିକାଶର ଏକ ଅଂଶ, କିନ୍ତୁ ବିକାଶ ତାହାଠାରୁ ବହୁତ ବ୍ୟାପକ। ଏକ ଦେଶର ପ୍ରକୃତ ବିକାଶ ନିର୍ଭର କରେ ଲୋକଙ୍କର ପ୍ରକୃତ ଆୟ କେତେ ବଢ଼ିଛି, ଲୋକମାନେ ସମ୍ମାନଜନକ ଓ ଉତ୍ପାଦନଶୀଳ ନିଯୁକ୍ତି ପାଉଛନ୍ତି କି ନାହିଁ, ଦାରିଦ୍ର୍ୟ ଓ ଅସମାନତା କମୁଛି କି ନାହିଁ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଇଁ ଉପଲବ୍ଧ କି ନାହିଁ, ସାମାଜିକ ସୁରକ୍ଷା କେତେ ଦୃଢ଼, ପରିବେଶ କେତେ ସୁରକ୍ଷିତ ଏବଂ ଲୋକମାନେ ନିଜ ଜୀବନ ସମ୍ପର୍କରେ କେତେ ସ୍ୱାଧୀନ ନିଷ୍ପତ୍ତି ନେଇପାରୁଛନ୍ତି। ନିଜର ସ୍ୱାଧୀନ ମତ ଦେବାର କେତେ ଅଧିକାର ରହିଛି। ଜିଡିପି ବଢ଼ିପାରେ, କିନ୍ତୁ ଯଦି ସେହି ବୃଦ୍ଧିର ଫଳ ସମାଜର ଅଳ୍ପ ଲୋକଙ୍କ ହାତରେ କେନ୍ଦ୍ରୀଭୂତ ହୁଏ, ତେବେ ସାଧାରଣ ଲୋକଙ୍କ ଜୀବନରେ ତାହାର ପ୍ରଭାବ ସୀମିତ ରହିପାରେ। ଦେଶର ମୋଟ୍ ଆୟ ବଢ଼ିଲା ବୋଲି ଯଦି କୋଟିପତିଙ୍କ ସମ୍ପତ୍ତି ବହୁଗୁଣ ବଢ଼େ, କିନ୍ତୁ ନିମ୍ନ ଓ ମଧ୍ୟମ ଆୟବର୍ଗର ପରିବାର ଖାଦ୍ୟ, ଶିକ୍ଷା, ଚିକିତ୍ସା, ଘରଭଡ଼ା ଓ ଯାତାୟାତ ଖର୍ଚ୍ଚର ଚାପରେ ରହନ୍ତି, ତେବେ ଏପରି ବୃଦ୍ଧିକୁ ସାମଗ୍ରିକ ସମୃଦ୍ଧି ବୋଲି କହିବା କଷ୍ଟକର ।

ସେହିପରି ମୁଣ୍ଡପିଛା ଆୟ ମଧ୍ୟ ସବୁକିଛି କୁହେ ନାହିଁ। ଏକ ଦେଶର ଜିଡିପିକୁ ଜନସଂଖ୍ୟାରେ ଭାଗ କଲେ ମୁଣ୍ଡପିଛା ଆୟ ମିଳେ। ସାମଗ୍ରିକ ଆୟ ବଢ଼ିଲେ ମଧ୍ୟ ସମସ୍ତଙ୍କ ଆୟ ସମାନ ହାରରେ ବଢ଼େନାହିଁ। ତେଣୁ ଆୟର ବଣ୍ଟନ, ସମ୍ପତ୍ତିର ଅସମାନତା ଓ ଜୀବନର ବାସ୍ତବ ସୁଯୋଗକୁ ମଧ୍ୟ ବିକାଶର ମାପକ ଭାବେ ବିଚାର କରିବା ଆବଶ୍ୟକ। ରୋଜଗାର ହେଉଛି ବିକାଶର ଅନ୍ୟତମ ମୁଖ୍ୟ ମାପକ। ଉଚ୍ଚ ଜିଡିପି ବୃଦ୍ଧି ସତ୍ତ୍ୱେ ଯଦି ପର୍ଯ୍ୟାପ୍ତ ଗୁଣାତ୍ମକ ନିଯୁକ୍ତି ସୃଷ୍ଟି ହୁଏନାହିଁ, ଯୁବପିଢ଼ି ବେକାର କିମ୍ବା ଅର୍ଦ୍ଧବେକାର ରହନ୍ତି, ବିନା ନିରାପତ୍ତାରେ ଓ ଅଳ୍ପ ଦରମାର କାମ କରନ୍ତି, ତେବେ ଏପରି ବୃଦ୍ଧିର ସାମାଜିକ ମୂଲ୍ୟ କ'ଣ ? ମଣିଷ ଯେତେବେଳେ ଭଲ ଶିକ୍ଷା ପାଏ, ସୁସ୍ଥ ରହେ, ସମ୍ମାନଜନକ ରୋଜଗାର ପାଏ, ସାମାଜିକ ଓ ଆର୍ଥିକ ସୁରକ୍ଷା ଲାଭ କରେ ତାହା ବେଶି ଆନନ୍ଦ ଦିଏ। ଶିକ୍ଷା ଓ ସ୍ୱାସ୍ଥ୍ୟକୁ ମଧ୍ୟ କେବଳ ଖର୍ଚ୍ଚ ଭାବେ ଦେଖିବା ଉଚିତ ନୁହେଁ। ଏଗୁଡ଼ିକ ମାନବ ସମ୍ପଦରେ ନିବେଶ। ଜଣେ ଶିଶୁ ଭଲ ଶିକ୍ଷା ପାଇଲେ ତାହାର ଦକ୍ଷତା, ଚିନ୍ତାଶକ୍ତି, ସୁଯୋଗ ଓ ଆତ୍ମବିଶ୍ୱାସ ବଢ଼େ। ଜଣେ ନାଗରିକ ସୁସ୍ଥ ରହିଲେ ସେ ଉତ୍ପାଦନଶୀଳ ଭାବେ କାମ କରିପାରେ ଏବଂ ଉନ୍ନତ ଜୀବନ ବଞ୍ଚିପାରେ। ନିଜ ଜୀବନ ସମ୍ପର୍କରେ ସ୍ୱାଧୀନ ନିଷ୍ପତ୍ତି ନେଇପାରେ, କିନ୍ତୁ ଏହାର ପ୍ରକୃତ ସାମାଜିକ ମୂଲ୍ୟକୁ କେବଳ ବଜାର ଖର୍ଚ୍ଚରେ ଆକଳନ କରାଯାଇପାରିବ ନାହିଁ।

ଆମ ଅର୍ଥନୀତିରେ ଅନେକ ଅମୂଲ୍ୟ କାର୍ଯ୍ୟ ରହିଛି ଯାହାର ବଜାର ମୂଲ୍ୟ ନଥିବାରୁ ଜିଡିପିରେ ତାହାର ଯଥୋଚିତ ପ୍ରତିଫଳନ ହୁଏନାହିଁ। ଘରେ ମହିଳାମାନେ କରୁଥିବା ରୋଷେଇ, ଶିଶୁଙ୍କ ଯତ୍ନ, ବୃଦ୍ଧଙ୍କ ସେବା, ଘର ପରିଚାଳନା ଓ ଅନ୍ୟାନ୍ୟ ଅବୈତନିକ ଶ୍ରମ ପରିବାର ଓ ସମାଜକୁ ଚାଲୁ ରଖିବାରେ ବିଶାଳ ଭୂମିକା ନିଏ। କିନ୍ତୁ ଏହି କାମ ପାଇଁ ବଜାରରେ ଟଙ୍କା ଦିଆଯାଉନଥିବାରୁ ଏହା ଜିଡିପିରେ ପ୍ରାୟ ଅଦୃଶ୍ୟ ରହିଯାଏ। ସମାନ କାମ ଯଦି ବଜାରରେ ଦରମା ଦେଇ କରାଯାଏ, ତେବେ ତାହା ଅର୍ଥନୈତିକ କାର୍ଯ୍ୟକଳାପ ହୋଇଯାଏ। ଏହା ଦେଖାଏ ଯେ ବଜାର ମୂଲ୍ୟ ଓ ମାନବୀୟ ମୂଲ୍ୟ ସବୁବେଳେ ଏକ ନୁହେଁ। ପରିବେଶର କଥା ମଧ୍ୟ ସେହିପରି। ଜଙ୍ଗଲ କାଟି କାରଖାନା ନିର୍ମାଣ, ନଦୀ ପ୍ରଦୂଷଣ କରି ଉତ୍ପାଦନ ବଢ଼ାଇବା କିମ୍ବା ଅତ୍ୟଧିକ ପ୍ରାକୃତିକ ସମ୍ପଦ ବ୍ୟବହାର କରି ଅର୍ଥନୈତିକ ଉତ୍ପାଦନ ବଢ଼ାଇବା ଜିଡିପିକୁ ବଢ଼ାଇପାରେ।

ବିକାଶର ଅର୍ଥ ଏହା ନୁହେଁ ଯେ ଆମେ ଆଜି ଅଧିକ ଉତ୍ପାଦନ କରିବୁ ଏବଂ ତାହା ପାଇଁ ଆସନ୍ତା ପିଢ଼ିକୁ ଅଧିକ ମୂଲ୍ୟ ଦେବାକୁ ପଡ଼ିବ। ପ୍ରକୃତିକ ଓ ଖଣିଜ ସମ୍ପଦ ଅସୀମ ନୁହେଁ। ସ୍ଥାୟୀ ବିକାଶ ହେଉଛି ସେହି ବିକାଶ ଯାହା ବର୍ତ୍ତମାନର ଆବଶ୍ୟକତା ପୂରଣ କରିବା ସହିତ ଭବିଷ୍ୟତ ପିଢ଼ିର ଆବଶ୍ୟକତା ପୂରଣ କରିବାର କ୍ଷମତାକୁ ନଷ୍ଟ କରେନାହିଁ। କେବଳ ଅଧିକ ସାମଗ୍ରୀ କିଣିବାର କ୍ଷମତା ବଢ଼ିଲେ ମାନବ ଜୀବନ ସମୃଦ୍ଧ ହୁଏନାହିଁ। ଆଜିର ଭୋଗବାଦୀ, ବସ୍ତୁବାଦୀ ଅର୍ଥନୀତିରେ ଅଧିକ ଉପଭୋଗକୁ ପ୍ରଗତିର ପ୍ରତୀକ ଭାବେ ଦେଖାଯାଉଛି। ଅଧିକ କିଣିବା, ଅଧିକ ଖର୍ଚ୍ଚ କରିବା ଓ ଅଧିକ ଉତ୍ପାଦନ କରିବା ଅର୍ଥନୈତିକ ବୃଦ୍ଧି ଆଣିପାରେ। କିନ୍ତୁ ଯଦି ଏହାର ପରିଣାମରେ ମଣିଷ ଅଧିକ ଋଣଗ୍ରସ୍ତ, ଅଧିକ ଚାପଗ୍ରସ୍ତ, ଅଧିକ ଅସୁରକ୍ଷିତ ଓ ଅଧିକ ଏକାକୀ ହୋଇପଡ଼େ, ତେବେ କେବଳ ଉପଭୋଗ ବୃଦ୍ଧିକୁ କିପରି ସମୃଦ୍ଧିର ପରିଚୟ କୁହାଯିବ ? ବିକାଶର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ମାନବୀୟ କ୍ଷମତା ଓ ସ୍ୱାଧୀନତା। ପୁନଶ୍ଚ ଭଲ ଜୀବନ ପାଇଁ ମଣିଷକୁ କେବଳ ଅଧିକ ଆୟ ନୁହେଁ, ଅଧିକ ସମୟ ମଧ୍ୟ ଆବଶ୍ୟକ। ପରିବାର ସହ ସମୟ ବିତାଇବା, ବନ୍ଧୁତ୍ୱ, ସାମାଜିକ ସମ୍ପର୍କ, ସୃଜନଶୀଳତା, ବିଶ୍ରାମ ଓ ମାନସିକ ଶାନ୍ତି ମଧ୍ୟ ଜୀବନର ଗୁଣାତ୍ମକ ଦିଗ ନିର୍ଦ୍ଧାରଣ କରେ। କିନ୍ତୁ ଏସବୁକୁ ଟଙ୍କାରେ ମାପିବା କଷ୍ଟକର ହୋଇଥିବାରୁ ଜିଡିପିରେ ଏହାର ଯଥାର୍ଥ ପ୍ରତିଛବି ମିଳେନାହିଁ। ତେଣୁ ବିକାଶକୁ ମାପିବା ସମୟରେ ଜିଡିପି ସହିତ ଅନେକ ଅନ୍ୟ ସୂଚକକୁ ମଧ୍ୟ ବିଚାର କରିବା ଆବଶ୍ୟକ ।

ଦାରିଦ୍ର୍ୟର ହାର, ଆୟ ଓ ସମ୍ପତ୍ତିର ଅସମାନତା, ନିଯୁକ୍ତିର ଗୁଣବତ୍ତା, ଶିକ୍ଷାର ମାନ, ସ୍ୱାସ୍ଥ୍ୟସେବାର ପହଞ୍ଚ, ଶିଶୁ ଓ ମାତୃ ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ଲିଙ୍ଗ ସମାନତା, ପରିବେଶର ସ୍ଥିତି, ଆବାସ, ପାନୀୟ ଜଳ, ପରିମଳ, ସାର୍ବଜନୀନ ପରିବହନ ଓ ମାନବୀୟ ସୁଖ ସମୃଦ୍ଧି ଭଳି ଦିଗଗୁଡ଼ିକୁ ମଧ୍ୟ ଗୁରୁତ୍ୱ ଦେବା ଦରକାର। ଏକ ଦେଶର ଅର୍ଥନୀତି ବଡ଼ ହେବା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ। ବଡ଼ ଅର୍ଥନୀତି ଅଧିକ ସମ୍ପଦ, ଅଧିକ ନିବେଶ ଓ ଅଧିକ ସାର୍ବଜନୀନ ବ୍ୟୟର ସୁଯୋଗ ସୃଷ୍ଟି କରିପାରେ। କିନ୍ତୁ ସେହି ସମ୍ପଦ କାହା ପାଖକୁ ଯାଉଛି, କିପରି ବଣ୍ଟିତ ହେଉଛି ଓ ତାହାଫଳରେ ସାଧାରଣ ଲୋକଙ୍କ ଜୀବନରେ କ'ଣ ପରିବର୍ତ୍ତନ ଆସୁଛି- ଏହି ପ୍ରଶ୍ନଗୁଡ଼ିକ ଅଧିକ ଗୁରୁତ୍ୱପୂର୍ଣ୍ଣ। ଯଦି ଜିଡିପି ବଢ଼େ, କିନ୍ତୁ ଦାରିଦ୍ର୍ୟ ଓ ଅସମାନତା ରହିଯାଏ। ଯଦି ଉତ୍ପାଦନ ବଢ଼େ, କିନ୍ତୁ ନିଯୁକ୍ତି ବଢ଼େନାହିଁ। ଯଦି ଆୟ ବଢ଼େ, କିନ୍ତୁ ଜୀବନଯାପନର ଖର୍ଚ୍ଚ ତାହାଠାରୁ ଅଧିକ ଦ୍ରୁତହାରରେ ବଢ଼େ। ଯଦି ସହର ବଡ଼ ହୁଏ, କିନ୍ତୁ ବାୟୁ ଓ ଜଳ ଅଧିକ ପ୍ରଦୂଷିତ ହୁଏ। ଯଦି ଧନୀମାନେ ଅଧିକ ଧନୀ ହୁଅନ୍ତି, କିନ୍ତୁ ଗରିବଙ୍କ ଜୀବନରେ ପ୍ରକୃତ ପରିବର୍ତ୍ତନ ଆସେନାହିଁ- ତେବେ ଆମେ କେବଳ ଜିଡିପି ବୃଦ୍ଧି ଦେଖି ସମାଜର ପ୍ରଗତିର ନିଷ୍କର୍ଷରେ ପହଞ୍ଚିବା ଉଚିତ ନୁହେଁ।

ଜାତୀୟ ଚେତନା
JATIYA CHETANA

ସ୍ୱର୍ଣ୍ଣ ଅଳଙ୍କାରରେ ଝଟକୁଛନ୍ତି ମା'



ଭୁବନେଶ୍ୱର,(ଜା.ପ୍ର): ହଜାର ବର୍ଷର ଐତିହ୍ୟ ସମ୍ପନ୍ନ ସହର କଟକର ଶାରଦୀୟ ପୂଜାରେ ସୁସଜ୍ଜିତ ଦୀର୍ଘକାୟ ତୋରଣ, ରଙ୍ଗ ବେରଙ୍ଗର ଆଲୋକ ସଜ୍ଜା, ରଙ୍ଗାରଙ୍ଗ ମେଲୋଡି ସହ ତାରକସୀ କାରୁକାର୍ଯ୍ୟରେ ପରିପୂର୍ଣ୍ଣ ଚାନ୍ଦି ମେଢ ହେଉଛି ପ୍ରମୁଖ ଆକର୍ଷଣ। ପୂର୍ବରୁ କଟକ ସହରରେ ୩୭ ଟି ଚାନ୍ଦି ମେଢ ଶୋଭା ପାଉଥିଲାବେଳେ ଏବେ ଏହି ସଂଖ୍ୟା ୩୮ରେ ପହଞ୍ଚିଛି। ଚଳିତ ବର୍ଷ ସାହେବଜାଦା ବଜାର ରୁପା ମେଢ଼ ଥିବା କମିଟି ଭାବେ ପରିଗଣିତ ହୋଇଛି। ଏହା ଛଡ଼ା କଟକର କେତେକ ସାହିର ପୂଜା ମଣ୍ଡପରେ ଦେବାଦେବୀଙ୍କର ସ୍ୱର୍ଣ୍ଣ ଅଳଙ୍କାର କଟକ ସହର ପୂଜାକୁ ଝଲସାଇ ଦେଉଛି। ଚଳିତ ବର୍ଷ ପ୍ରଥମଥର ସାହେବ ପକ୍ଷରୁ ନିର୍ମିତ ହୋଇଥିବା ଚାନ୍ଦିମେଢ଼ରେ ନିର୍ମାଣ ପାଇଁ ଖର୍ଚ୍ଚ ହୋଇଛି ପ୍ରାୟ ୪ କୋଟି ଟଙ୍କା। ସେହିପରି ନୂଆ ଚାନ୍ଦିମେଢ଼ ନିର୍ମାଣ କରି ଏହି କମିଟି ଚାନ୍ଦିମେଢ଼ କ୍ଲବ୍‌ରେ ନିଜକୁ ସାମିଲ କରିଛି। ତେବେ ୩୮ ଚାନ୍ଦି ମେଢ ସହ ବିଭିନ୍ନ ପୂଜାମଣ୍ଡପରେ ସ୍ୱର୍ଣ୍ଣ ଅଳଙ୍କାରରେ ମା' ଦର୍ଶନ ଦେଉଛନ୍ତି। ଚାଉଳିଆ ଗଞ୍ଜ, ମଙ୍ଗଳାବାଗ ,ଚୌଧୁରୀବଜାର ମଣ୍ଡପରେ ମା' ବହନ ଧାରଣ କରି ଥିବା ହାର, ମୁକୁଟ ବେଶ୍ ଆକର୍ଷଣୀୟ। କଟକର ଦୁର୍ଗାପୂଜା କଥା ଉଠିଲେ ମନକୁ ଆସେ ଚାନ୍ଦି ମେଢ଼ର ଅପୂର୍ବ ଆକର୍ଷଣ। ବିଭିନ୍ନ ପୂଜାମଣ୍ଡପରେ ରୂପା ମେଢ଼ ସଫା କାର୍ଯ୍ୟ କରାଯାଇଥିବାରୁ ମେଢଗୁଡିକ ଚକ୍‌ଚକ୍ ମାରୁଛି। ମା'ଙ୍କ ମେଢ଼ରେ ଚାନ୍ଦି ତାରକସିର ସୂକ୍ଷ୍ମ କାରୁକାର୍ଯ୍ୟ ଓ ଅଳଙ୍କାରର ଚମକ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ। ପୂଜାକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ମଣ୍ଡପରେ ସୁଉଚ୍ଚ ତୋରଣ ନିର୍ମାଣ କାର୍ଯ୍ୟ ଚାଲିଛି। ରାସ୍ତାଘାଟ ଓ ପୂଜାମଣ୍ଡପ ନିକଟରେ ଆଲୋକସଜ୍ଜା କାର୍ଯ୍ୟ ବେଶ୍ ଆକର୍ଷଣୀୟ ହୋଇଛି। ଏବେ ଆଲୋକମାଳାରେ ଝଲସୁଛି ସାରା ସହର। କଟକର ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ସହରର ଐତିହ୍ୟ, ପରମ୍ପରା ଓ ଭାଇଚାରାର ପ୍ରତୀକ। ପୂଜା ପାଇଁ ସହରବାସୀଙ୍କ ମନରେ ଉତ୍ସାହ ବଢୁଛି। ସଂସ୍କୃତି ସମ୍ପନ୍ନ କଟକ ସହରର ପ୍ରସିଦ୍ଧ ଶାରଦୀୟ ପୂଜାର ଅନ୍ୟତମ ଆକର୍ଷଣ ଆଲୋକମାଳାରେ ଝଲସି ଉଠୁଥିବା ସୁଉଚ୍ଚ ତୋରଣ। ସୁଉଚ୍ଚ ତୋରଣର ଭବ୍ୟତା,ରୂପା ମେଢ଼ର ଚମକ ଓ ଆଲୋକସଜ୍ଜାର ଆକର୍ଷଣ ମଧ୍ୟରେ ପୁଣିଥରେ ନିଜର ପାରମ୍ପରିକ ପୂଜାର ଗୌରବ ପ୍ରଦର୍ଶନ କରିଛନ୍ତି। ୩୮ଟି ରୁପା ମେଢ଼ ଅନେକ ମଣ୍ଡପରେ ଦେବାଦେବୀଙ୍କ ସ୍ୱର୍ଣ୍ଣ ଅଳଙ୍କାରରେ କଟକ ସହର ଝଲସୁଛି କହିଲେ ଅତ୍ୟୁକ୍ତି ହେବନାହିଁ। ଦଶହରା ପାଇଁ କଟକ ସହରରେ ଆଇନଶୃଙ୍ଖଳା ରକ୍ଷା ତଥା ଅପରାଧ ଓ ଅପରାଧୀଙ୍କ ଉପରେ କଡ଼ା ନଜର ରଖିବା ଲାଗି ପାଇଁ କଟକ କମିସନରେଟ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ସହରର ପ୍ରମୁଖ ଛକ ବା ସ୍ଥାନରେ ୪୯୨ରୁ ଅଧିକ ସିସି କ୍ୟାମେରା ପୂର୍ବରୁ ଲାଗିଛି। ଚଳିତବର୍ଷ ପାଗ ଭଲ ଥିବାରୁ ଦଶହରାକୁ ସହରବାସୀ ବେଶ୍ ମନଭରି ଉପଭୋଗ କରିବେ।

କୋଲକାତା ଟ୍ରାଜେଡି ପରେ ଓଡ଼ିଶା ଆଲର୍ଟ, ପୂଜା ମଣ୍ଡପରେ ସୁରକ୍ଷା କଡ଼ାକଡ଼ି

ଭୁବନେଶ୍ୱର,(ଜା.ପ୍ର): କୋଲକାତା ପୂଜା ପଣ୍ଡାଲରେ ଭିଡ଼ରୁ ବଡ଼ ଅଘଟଣ ପରେ ଓଡ଼ିଶାରେ ବଢ଼ିଲା ଆଲର୍ଟ। ବିଶେଷକରି କଟକ, ଭୁବନେଶ୍ୱର ଟୁଇନ ସିଟି ସମେତ ରାଜ୍ୟର ଅନ୍ୟ ଜନଗହଳି ପୂର୍ଣ୍ଣ ସ୍ଥାନରେ କିଭଳି ଭିଡ଼ ରୋକାଯିବ ଏବଂ ଅଘଟଣ ଘଟିଲେ ତାକୁ କିଭଳି ମୁକାବିଲା କରାଯିବ, ସେ ନେଇ ସତର୍କ ହୋଇଛି ପୋଲିସ ଓ ପ୍ରଶାସନ। ସେଥିପାଇଁ ସବୁ ପୂଜା ପେଣ୍ଡାଲରେ ବଢ଼ିଛି ତତ୍ପରତା। କେନ୍ଦ୍ରାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ (ଆଇଜି) ଡଃ ସତ୍ୟଜିତ ନାଏକ ଆଜି ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ କେନ୍ଦ୍ରାଞ୍ଚଳ ଅଧୀନ ସମସ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବୈଠକ କରି ଚାଲିଥିବା ଦୁର୍ଗାପୂଜା ଉପଲକ୍ଷେ ସୁରକ୍ଷା ବ୍ୟବସ୍ଥା, ପୁଲିସ ବଳ ମୁତୟନ ଏବଂ ଜନସାଧାରଣଙ୍କ ସୁରକ୍ଷା ସମ୍ପର୍କିତ ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ। କେନ୍ଦ୍ରାଞ୍ଚଳ ଅଧୀନ ବିଭିନ୍ନ ଜିଲ୍ଲାରେ ମୋଟ ୧,୨୪୩ଟି ପୂଜା ମଣ୍ଡପରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଥିବାବେଳେ ମା' ଶାରଳା, ମା' ଚର୍ଚ୍ଚିକା, ମା' ଭଟ୍ଟାରିକା ଏବଂ ମା' ସିର୍ଲୋଙ୍କ ପରି ପ୍ରମୁଖ ଶକ୍ତିପୀଠଗୁଡ଼ିକରେ ମଧ୍ୟ ବିଶେଷ ଭିଡ଼ ହେଉଛି। ପୂଜାକୁ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ୩୬ ପ୍ଲାଟୁନ୍ ପୁଲିସ ଫୋର୍ସ ସହ ହୋମ୍‌ଗାର୍ଡଙ୍କୁ ମୁତୟନ କରାଯାଇଛି। ଭିଡ଼ ନିୟନ୍ତ୍ରଣ: ପୂଜା ମଣ୍ଡପ ଓ ରାବଣପୋଡ଼ି ସ୍ଥଳର ପ୍ରବେଶ ଓ ପ୍ରସ୍ଥାନ ପଥର ସଠିକ୍ ଆକଳନ ଏବଂ ପରିଚାଳନା। ଯାତାୟାତ ନିୟନ୍ତ୍ରଣ: ଟ୍ରାଫିକ୍ ଜାମ୍‌କୁ ଏଡ଼ାଇବା ସହ ଯାନବାହନ ଓ ଜନସାଧାରଣଙ୍କ ଯାତାୟାତ ସୁଗମ କରିବା। ଆଲୋକ ବ୍ୟବସ୍ଥା: ପୂଜା ମଣ୍ଡପ ଏବଂ ସେଠାକୁ ଯିବା ରାସ୍ତାରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ସୁନିଶ୍ଚିତ କରିବା। ଅଗ୍ନି ନିରାପତ୍ତା: ପୂଜା ମଣ୍ଡପଗୁଡ଼ିକରେ ଅଗ୍ନିକାଣ୍ଡ ରୋକିବା ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା। ସିସିଟିଭି ନିରୀକ୍ଷଣ: ପ୍ରମୁଖ ପୂଜା ମଣ୍ଡପଗୁଡ଼ିକରେ ସିସିଟିଭି ମାଧ୍ୟମରେ ନଜର ରଖିବା। ମୀନା ବଜାର ଓ ରାମ ଦୋଳିରେ ସୁରକ୍ଷା: ବିଶେଷକରି ରାମ ଦୋଳିର ସୁରକ୍ଷା ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା। ଆଇଜି ସମସ୍ତ ଜିଲ୍ଲାର ଏସ୍‌ପିଙ୍କୁ ସତର୍କ ରହିବା ସହ ଅନ୍ୟ ସରକାରୀ ବିଭାଗ ଏବଂ ସମ୍ପୃକ୍ତ ଅଂଶୀଦାରଙ୍କ ସହ ସମନ୍ୱୟ ରକ୍ଷା କରି ସମସ୍ତ ବ୍ୟବସ୍ଥାର ନିୟମିତ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବିସର୍ଜନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ ପ୍ରତି ଦୁଇ ଘଣ୍ଟାରେ ସ୍ଥିତି ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। କେନ୍ଦ୍ରାଞ୍ଚଳ ପୁଲିସ ପକ୍ଷରୁ ସମଗ୍ର ଅଞ୍ଚଳରେ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ସୁରକ୍ଷିତ ଦୁର୍ଗାପୂଜା ଆୟୋଜନ ସୁନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ଜାରି ରହିଛି।

ଜେନ୍-ଜିଙ୍କୁ ନେଇ ବିଜେଡ-ବିଜେପି ମୁହାମୁହି

ଭୁବନେଶ୍ୱର,(ଜା.ପ୍ର): ଜେନ୍-ଜିଙ୍କୁ ନେଇ ସରୁନି ବୟାନବାଜି। ଗତକାଲି ନବୀନ ଆଣିଥିଲେ ଅଭିଯୋଗ। ଆଜି କଡ଼ା କାଉଣ୍ଟର କଲେ ମନମୋହନ। ବିଜେଡି ସଭାପତି ନବୀନ ପଟ୍ଟନାୟକ ଗତକାଲି ଛାତ୍ର ସଂସଦ ନିର୍ବାଚନରେ ସରକାରୀ ଦଳ ଅର୍ଥ ବଳ ଓ ବାହୁବଳ ଲଗାଇଥିବା ଅଭିଯୋଗ ଆଣି ସମାଲୋଚନା କରିଥିଲେ। ଆଉ ଆଜି ନବୀନଙ୍କୁ ରାଜ୍ୟ ବିଜେପି ସଭାପତି ତଥା ସାଂସଦ ମନମୋହନଙ୍କୁ କଡ଼ା ଟାର୍ଗେଟ। ଯିଏ ଭୟରେ ବର୍ଷ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ରଖିଥିଲେ ସିଏ କହିବେ ଅର୍ଥ ବଳ ବାହୁବଳ କଥା କହି ପାଲଟା ଆକ୍ରମଣ କରିଛନ୍ତି। ଯେଉଁମାନେ ନିଜ ବିଧାୟକ, ମନ୍ତ୍ରୀମାନଙ୍କୁ ଗଣତାନ୍ତ୍ରିକ ଅଧିକାର ଦେଉନଥିଲେ ଓ କଲେଜ ନିର୍ବାଚନ ବନ୍ଦ କରିଥିଲେ ତାଙ୍କର ଏହା ଉପରେ ପ୍ରଶ୍ନ କରିବାକୁ ନୈତିକ ଅଧିକାର ନାହିଁ। ନୂଆ ନେତୃତ୍ୱ ତିଆରି ଦୂର କଥା, ପିଲାଙ୍କ ଦୁଃଖ ସୁଖ ବୁଝୁ ନଥିଲେ।

ସେପଟେ ମନମୋହନଙ୍କ ବୟାନକୁ ନେଇ ଚିହିଙ୍କି ଉଠିଛି ବିଜେଡି। ଦଳ କହିଛି, ଯେତେ ବାହାସ୍ଫୋଟ ମାରିଲେ ବି ଛାତ୍ର ସଂସଦ ନିର୍ବାଚନରେ ଜେନ୍-ଜି ବିଜେଡିକୁ ସମର୍ଥନ ଦେଇ ଶାସକ ଦଳକୁ କଡ଼ା ଜବାବ ଦେଇଛନ୍ତି। ସେପଟେ ଛାତ୍ର ସଂସଦ ନିର୍ବାଚନରେ ଖରାପ ପ୍ରଦର୍ଶନ ସତ୍ତ୍ୱେ ଜେନ୍-ଜି ଆମ ସପକ୍ଷରେ ଥିବା ଦମ୍ଭୋକ୍ତି ପ୍ରକାଶ କରିଛି କଂଗ୍ରେସ୍। ବିଜେଡି ସରକାର ବନ୍ଦ ରଖିଥିବା ଛାତ୍ର ସଂସଦ ନିର୍ବାଚନକୁ ଆଠବର୍ଷ ପରେ ମୋହନ ସରକାର କରାଇଛନ୍ତି। ଯେଉଁଥିରେ ଏବିଭିପି ଜବରଦସ୍ତ ପ୍ରଦର୍ଶନ କରିଛି। ପ୍ରାୟ ୮୨ ପ୍ରତିଶତ ଶିକ୍ଷାନୁଷ୍ଠାନରେ ବିଦ୍ୟାର୍ଥୀ ପରିଷଦ ବାଜିମାତ୍ କରିଥିବା ଦାବି କରୁଛି। ବିଜେଡିର ଦାବି- ସେମାନେ ୬୦ ପ୍ରତିଶତ କଲେଜ ଦଖଲ କରିଛନ୍ତି। କଂଗ୍ରେସ କହୁଛି ୩୦ ପ୍ରତିଶତ କଲେଜରେ ଛାତ୍ର କଂଗ୍ରେସ ସଫଳତା ପାଇଛି। ଦେଶରେ ଜେନ୍-ଜି ଆନ୍ଦୋଳନ ହଲଚଲ ସୃଷ୍ଟି କରିଥିବା ବେଳେ ଯୁବ ଭୋଟ୍ ବ୍ୟାଙ୍କକୁ ସୁରକ୍ଷିତ ରଖିବାକୁ ଏବେ ସବୁ ରାଜନୈତିକ ଦଳ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ। ଜେନ୍-ଜି ନେବେ ଗୁରୁତ୍ୱପୂର୍ଣ୍ଣ ଭୂମିକା। ତେବେ ଶ୍ରେୟ ରାଜନୀତି ଭିତରେ କାହାକୁ ଭରସା କରୁଛନ୍ତି ଯୁବ ବର୍ଗ ତାଉପରେ ନଜର।

ଅବକାରୀ ବିଭାଗର ଚଢ଼ଉ ଜୋରଦାର

ଭୁବନେଶ୍ୱର,(ଜା.ପ୍ର): ପାର୍ବଣ ସମୟରେ ଅବକାରୀ ନିୟମର କଡ଼ାକଡ଼ି ଅନୁପାଳନ ଏବଂ ବେଆଇନ କାର୍ଯ୍ୟକଳାପ ରୋକିବା ଉଦ୍ଦେଶ୍ୟରେ କଟକ ଅବକାରୀ ବିଭାଗ ପକ୍ଷରୁ ବିଲମ୍ବିତ ରାତ୍ରି ପର୍ଯ୍ୟନ୍ତ ପାଟ୍ରୋଲିଂ ଓ ଯାନବାହନ ଯାଞ୍ଚ କରାଯାଇଛି। ଏହି ଅଭିଯାନରେ ଆଜି ସାଲେପୁର ଅଞ୍ଚଳର ବିଭିନ୍ନ ମଦ ଦୋକାନରେ ଯାଞ୍ଚ କରାଯାଇଛି। ଏଥିସହ କଟକ ଓ ଏହାର ଆଖପାଖ ଅଞ୍ଚଳ, ବିଶେଷକରି ବିଡ଼ାନାସୀ ଓ ବାରଙ୍ଗ ଅଞ୍ଚଳରେ ନିୟମିତ ମଦ ଦୋକାନ ଯାଞ୍ଚଜାରି ରହିଛି। ଏହି କ୍ରମରେ ଅବକାରୀ ଟିମ୍ ପକ୍ଷରୁ ମୋଟ ୨୫ଟି ମଦ ଦୋକାନ ଯାଞ୍ଚ କରାଯାଇଛି। ଅନ୍ୟ ଜିଲ୍ଲାର ସୀମାନ୍ତ ଅଞ୍ଚଳରୁ କଟକକୁ ପ୍ରବେଶ କରୁଥିବା ଯାନବାହନଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯାଉଛି। ପାର୍ବଣ ସମୟରେ ଅବକାରୀ ନିୟମର ଉଲ୍ଲଂଘନ ରୋକିବା ସହ ବେଆଇନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ବିଭାଗ ପକ୍ଷରୁ ଏହି ଯାଞ୍ଚ ଓ ଚଢ଼ଉ ଅଭିଯାନକୁ ଆଗାମୀ ଦିନରେ ଆହୁରି କଡାକଡି କରାଯିବ ବୋଲି ସୂଚନା ଦିଆଯାଇଛି।

ପାରମ୍ପରିକ କାଠି ଯାତ୍ରା

ଭୁବନେଶ୍ୱର,(ଜା.ପ୍ର): ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ମଧୁବନ ଗ୍ରାମ ପଞ୍ଚାୟତ ଅଧୀନ ଡାହାଣ କୁୟାରପଡ଼ା ଓ ହାଟପଡ଼ା ଗ୍ରାମରେ ମହାଷ୍ଟମୀ ତିଥିରେ ପାରମ୍ପରିକ କାଠି ଯାତ୍ରା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରାଚୀନ ପରମ୍ପରା ସହିତ ଗ୍ରାମବାସୀଙ୍କ ଗଭୀର ଧାର୍ମିକ ବିଶ୍ୱାସ ଜଡ଼ିତ ରହିଥିବାରୁ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପରମ୍ପରା ଅନୁଯାୟୀ, ୨୨ ହାତ ଲମ୍ବର ଶାଳ କାଠରେ ନିର୍ମିତ କାଠିରେ ପ୍ରଥମେ ଶାଢ଼ୀ ବନ୍ଧାଯାଇ ଅଗ୍ରଭାଗରେ ପିତଳ ଗରା ଲଗାଯାଇଥାଏ। ବ୍ରାହ୍ମଣ ପୁରୋହିତଙ୍କ ମନ୍ତ୍ରପାଠ ମଧ୍ୟରେ ଠାକୁରାଣୀଙ୍କ ନିକଟରେ କାଠି ଲାଗି କରାଯିବା ପରେ ଢୋଲ, ମହୁରୀ, ଘଣ୍ଟ ଓ ମର୍ଦ୍ଦଳର ବାଦ୍ୟଧ୍ୱନି ସହ କାଠିକୁ ଯାତ୍ରା ପଡ଼ିଆକୁ ନିଆଯାଇ ପୂର୍ବରୁ ଖୋଳାଯାଇଥିବା ଗାତରେ ପୋତାଯାଏ। ଏହି ଅବସରରେ ଦୁଇ ଗ୍ରାମର ଆରାଧ୍ୟା ଦେବୀ ମା' ଜଗେଶ୍ୱରୀ ଓ ମା' ମଙ୍ଗଳାଙ୍କ ବିଜେ କାଳସୀ କାଠିରେ ବନ୍ଧାଯାଇଥିବା ଗରା ଉପରେ ବିରାଜମାନ କରିଥାନ୍ତି। ଗୋପାଳଜୀଙ୍କ ଲଡୁ ମହାପ୍ରସାଦ କାଠି ଉପରେ ସମର୍ପଣ କରାଯିବା ପରେ ଦେବୀଙ୍କ ମାଧ୍ୟମରେ ଦେଶର ଶୁଭାଶୁଭ ସମ୍ପର୍କରେ ସୂଚନା ମିଳିଥାଏ ବୋଲି ଭକ୍ତମାନଙ୍କର ବିଶ୍ୱାସ ରହିଛି। ପରବର୍ତ୍ତୀ ସମୟରେ ଦେବୀଙ୍କ ଅବତରଣ ପରେ ଭକ୍ତଙ୍କ ଗୁହାରି ଶୁଣିବା ସହ କାଠି ଉପରେ ବସି ଗ୍ରାମ ପରିକ୍ରମା କରିଥାନ୍ତି। ବାଦ୍ୟର ତାଳେ ତାଳେ ନୃତ୍ୟ ଓଶ ଭୋଗଶ ଅର୍ପଣ ପରେ ଙ୍କଙ୍କ ଗମ୍ଭୀରାକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏହି ଅବସରରେ ଉଭୟ ଗ୍ରାମରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିବା ବେଳେ ପିଢ଼ି ପରେ ପିଢ଼ି ଧରି ଚାଲିଆସୁଥିବା ଏହି ପରମ୍ପରା ଆଜି ମଧ୍ୟ ଗ୍ରାମବାସୀଙ୍କ ଆସ୍ଥା ଓ ବିଶ୍ୱାସକୁ ଦୃଢ଼ କରି ରଖିଛି।

ସହରାଞ୍ଚଳରେ ନିର୍ମାଣ ହେବ ଅତ୍ୟାଧୁନିକ ଛାତ୍ରାବାସ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର ଯୁବପିଢ଼ିଙ୍କୁ ଅଧିକ ଆତ୍ମନିର୍ଭରଶୀଳ, ଦକ୍ଷ ଏବଂ ପ୍ରଶାସନିକ କ୍ଷେତ୍ରରେ ସଫଳ କରିବା ପାଇଁ ରାଜ୍ୟ ସରକାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଉଚ୍ଚଶିକ୍ଷା ଗ୍ରହଣ କରିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରମୁଖ ସହରମାନଙ୍କୁ ଆସୁଥିବା ମେଧାବୀ ଛାତ୍ରଛାତ୍ରୀମାନେ ରହିବା ପାଇଁ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ସରକାରଙ୍କ ପକ୍ଷରୁ ସହରାଞ୍ଚଳରେ ସ୍ୱତନ୍ତ୍ର ହଷ୍ଟେଲ ବା ଛାତ୍ରାବାସ ନିର୍ମାଣ କରାଯିବ ବୋଲି ଘୋଷଣା କରାଯାଇଛି। କଟକର ଐତିହାସିକ ଜେ.ଏନ୍. ଇନଡୋର ଷ୍ଟାଡିୟମ୍ ?ରେ ଆୟୋଜିତ ଏକ ବିଶାଳ 'ଯୁବ ନେତୃତ୍ୱ ସମାବେଶ'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଛାତ୍ରସମାଜ ପାଇଁ ଏହି ବଡ଼ ଘୋଷଣା କରିଛନ୍ତି। ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ପ୍ରାୟ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଉତ୍ସାହୀ କଲେଜ ଛାତ୍ରଛାତ୍ରୀ ଏହି ଭବ୍ୟ ସମାବେଶରେ ଉପସ୍ଥିତ ରହି ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି।

ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ସମାବେଶରେ ଉଦ୍?ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଛାତ୍ରଜୀବନ ହେଉଛି ଭବିଷ୍ୟତର ନେତୃତ୍ୱ ଗଠନ କରିବାର ମୂଳଦୁଆ। ଏହି ସମୟରୁ ହିଁ ଯୁବକଯୁବତୀମାନଙ୍କ ଭିତରେ ଶୃଙ୍ଖଳା, ଦାୟିତ୍ୱବୋଧ ଏବଂ ସାମାଜିକ ସଚେତନତା ଜାଗ୍ରତ ହେବା ଆବଶ୍ୟକ। ସହରମାନଙ୍କରେ ପଢୁଥିବା ଗରୀବ ଓ ମେଧାବୀ ପିଲାମାନଙ୍କ ପାଇଁ ଆବାସିକ ସୁବିଧାର ଅଭାବ ରହିଥିବାରୁ, ସରକାର ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଆବଶ୍ୟକୀୟ ସୁବିଧାସୁଯୋଗ ସମ୍ବଳିତ ନୂତନ ହଷ୍ଟେଲ ନିର୍ମାଣ କରିବାକୁ ଯାଉଛନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ବିନା କୌଣସି ଚାପରେ ନିଜର ପାଠପଢ଼ା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଇପାରିବେ।

କେବଳ ରହିବା ବ୍ୟବସ୍ଥା ନୁହେଁ, ବରଂ ଓଡ଼ିଶାର ମେଧାବୀ ଯୁବପିଢ଼ିମାନେ ଯେପରି ଦେଶର ସର୍ବୋଚ୍ଚ ପ୍ରଶାସନିକ ସେବା ଅର୍ଥାତ୍ ସିଭିଲ୍ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଦେଶ ଓ ରାଜ୍ୟରସେବାରେ ନିୟୋଜିତ ହୋଇପାରିବେ, ସେଥିପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଓ ମାର୍ଗଦର୍ଶନର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଯୁବସମାଜ କେବଳ ଆଗାମୀ ଦିନର ଭବିଷ୍ୟତ ନୁହଁନ୍ତି, ବରଂ ବର୍ତ୍ତମାନର ବିକାଶ ପ୍ରକ୍ରିୟାର ସବୁଠାରୁ ପ୍ରମୁଖ ଅଂଶ ଅଟନ୍ତି। ତେଣୁ ସେମାନଙ୍କର ପ୍ରତିଭାକୁ ସଠିକ୍ ଦିଗ ପ୍ରଦାନ କରି ଏକ ସକ୍ଷମ, ସଶକ୍ତ ଏବଂ ସମୃଦ୍ଧ ଓଡ଼ିଶା ଗଠନ କରିବା ଏହି ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ମତପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏପରି ଜନକଲ୍ୟାଣକାରୀ ଓ ଯୁବକୈନ୍ଦ୍ରିକ ପଦକ୍ଷେପକୁ ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ, ରାଜ୍ୟ ସରକାରଙ୍କ ଏଭଳି ବୃହତ୍ ଯୁବ ସମାବେଶ ଏବଂ କାର୍ଯ୍ୟକ୍ରମକୁ ନେଇ ରାଜନୈତିକ ମହଲରେ ମଧ୍ୟ ପ୍ରତିକ୍ରିୟା ଦେଖିବାକୁ ମିଳିଛି।

ପୃଷ୍ଠା-୬, ଭୁବନେଶ୍ୱର
ଅକ୍ଟୋବର ୧୯ରୁ ଅକ୍ଟୋବର ୨୫, ୨୦୨୬

ଜାତୀୟ ଚେତନା
JATIYA CHETANA

Page-6, Bhubaneswar
October 19 to October 25, 2026



ଭଗୀରଥି ବେହେରା

ପ୍ରତୀକ୍ଷାଳୟ

ଭୋର ୪ଟାରେ ମିଥିଳା ଏକ୍ସପ୍ରେସ ଠିକ୍ ସମୟରେ ହାଓ୍ୱଡ଼ା ଷ୍ଟେସନରେ ପହଞ୍ଚିଲା। ବିହାର, ସମସ୍ତିପୁରରୁ ନିଜ କାମସାରି ପ୍ରଭାତକୁ ଏବେ ଯିବାର ଅଛି ଭୁବନେଶ୍ୱର। କିନ୍ତୁ ହମସଫର୍ ଏକ୍ସପ୍ରେସ ହାଓ୍ୱଡା ଛାଡ଼ିବ ବେଙ୍ଗାଲୁରୁ ଦିନ ୧୨ଟାରେ। ତାକୁ ଭଲ ଜାଗାଟିଏ ଦେଖି ଟିକେ ଦେହକୁ ଆରାମ ଦେବାକୁ ହେବ। ବାତାନୁକୁଳ ବଗିର ଅସୁବିଧା ତାକୁ ଟିକେ ବିବ୍ରତ କରିଦେଇଛି।

ସବୁବେଳ ପରି ଷ୍ଟେସନ ଭିଡ। ରାତିରେ ବି ଦିନର ଗହଳି। ଡିଲକ୍ସ ଲାଉଞ୍ଜ ନାମକ ପ୍ରତୀକ୍ଷାଳୟରେ ବଡକଷ୍ଟରେ ସ୍ଥାନଟିଏ ମିଳିଲା, ତାହା ପୁଣି ଘଣ୍ଟାପିଛା ପଚାଶ ଟଙ୍କା ଦେଇ। ନିଜ ଅବଶ ଦେହକୁ ପ୍ରଭାତ ବିଛେଇଦେଲା ଲାଉଞ୍ଜ ସୋଫାରେ। ଆଖି ମୁଦିହେଇ ଆସୁଥିଲା। କିଏ ଗଲା, କିଏ ଆସିଲା ହିସାବ ରଖିବା ପାଇଁ ସମୟ ଏ ନୁହଁ, କି ସୁଯୋଗ ନୁହଁ।

ମୋବାଇଲର ଆଲାର୍ମ ଶୁଣି ସେ ଉଠିବସିଲା। ସମୟ ସକାଳ ୭। ରାତିରେ ଡେରିରେ ଶୋଇ ସକାଳ ଡେରିରେ ଉଠିବାର ଅଲାର୍ମ ସେ ବଦଳି ନଥିଲା। ଚାରିପଟେ ଆଖିବୁଲେଇ ଲାଉଞ୍ଜ୍ ଦେଖିଲା ବେଳକୁ ପାର୍ଶ୍ୱ ସୋଫାରେ ଗୋଟିଏ ସ୍ତ୍ରୀ ଓ କୋଳରେ ଦୁଇତିନି ବର୍ଷର ଝିଅଟିଏ। ସୋଫା ଉପରେ ଛ କି ସାତ ବର୍ଷର ଆଉ ଗୋଟିଏ ଝିଅ ଶୋଉଛି।

ନିଶ୍ଚୟ ଏ ପ୍ରଭାସିନୀ। ଭଲକି ନିରେଖି ଦେଖିଲା ସେ। ଅବଶ୍ୟ ନିଜକୁ ଲୁଚେଇ। ତା ଆଖି କେବେ ଧୋକା ଖାଇବ ନାହିଁ। ନିଶ୍ଚୟ ପ୍ରଭାସିନୀ, ଯାହା ସହ ତାହାର ବିବାହ ପ୍ରସ୍ତାବ ଦିନେ ପଢ଼ିଥିଲା। ଧିରେ ଧିରେ ପରିଚୟ, ଫୋନରେ କଥାବାର୍ତ୍ତା। ପାର୍କ, କଫି ସପ୍, ବନ୍ଧୁ ମହଲରେ ଭେଟ। ଭାବ ଦିଆନିଆ। ସେଇଠୁ ବିବାହ ପୂର୍ବରୁ ପ୍ରେମ। ପ୍ରତିଶ୍ରୁତିବଦ୍ଧ ସମ୍ପର୍କ ଗଢ଼ିଉଠିଲା ବେଳକୁ ଗୋଟିଏ ସାମାନ୍ୟ କଥାରେ ଦୁଇ ପରିବାରର ଝଗଡା। ପୁଣି ଶତ୍ରୁତା। ଦୁଇ ପରିବାରର କଳହ ଭିତରେ ସେମାନଙ୍କ ପ୍ରେମ ଅସ୍ତିତ୍ୱହୀନ ଲାଗିଲା। ସବୁ ସହି, ସବୁ ସମ୍ଭାଳି ଭଲପାଉଥିବା ପ୍ରଭାସିନୀ ଆଗରେ ନିଜକୁ ସିଦ୍ଧ କଲାବେଳକୁ ପ୍ରଭାସିନୀ ହିଁ ନିଜଆଡୁ ମନା କରିଦେଲା। ଅବଶ୍ୟ ନିଜବାଟରେ ନିଜେ ରହିଲା ପ୍ରଭାତ, କିନ୍ତୁ ଭଲପାଇବା ଉପରେ ତାହାର ଯେମିତି ବିଶ୍ୱାସ ଉଠିଯାଇଥିଲେ। ରହିଗଲା ଅବିବାହିତ।

ପ୍ରଭାତ ଜୀବନରେ ଏମିତି କେତେ ଆସିଲେ, କେତେ ଗଲେ କିନ୍ତୁ ସେ କାହା ପାଖରେ ଅଟକି ନାହିଁ, ଠିକ୍ ଏହି ପ୍ରତୀକ୍ଷାଳୟ ପରି। ଏଠି କିଏ ନା କିଏ କାହାକୁ ପ୍ରତୀକ୍ଷା କରେ, କେବେ ଗାଡ଼ିକୁ, କେବେ ଯାତ୍ରାର ଗନ୍ତବ୍ୟସ୍ଥଳକୁ। କିନ୍ତୁ ଏଥିରେ ପ୍ରତୀକ୍ଷାଳୟର କିଛି ଯାଏ ଆସେ କି ?

ଯାଇ ପଚାରି ହେବନି। ହେଲୋ ହାଏ କହି ହେବନି। ପ୍ରଭାତ ବାରମ୍ବାର ଦେଖୁଛି ପ୍ରଭାସିନୀକୁ। ଆଶା କରୁଛି କାଳେ ସେ ଦେଖି ଚିହ୍ନିଦେବ। ବାରମ୍ବାର ଗୋଟିଏ ପୁରୁଷ ତା ପାଖକୁ ଆସୁଛି ଓ ଯାଉଛି। ନିଶ୍ଚେ ସ୍ୱାମୀ ତା'ର। କେତେ ପତଳୀ ଥିଲା ସେ। ବିବାହ ଓ ସନ୍ତାନ ଜନ୍ମ ପରେ ଟିକେ ନିଶ୍ଚୟ ମୋଟି ହୋଇଯାଇଛି। ମୁହଁର କିନ୍ତୁ କୌଣସି ପରିବର୍ତ୍ତନ ନାହିଁ। ସେମିତି ତନୁପାତଳି, ଗୋଜିଆ ସରୁ ମୁହଁ।

ସେ ଚାହୁଁଥିଲା ପ୍ରଭାସିନୀ ତାକୁ ଚିହ୍ନୁ, ଦୁଃଖ ସୁଖ ହଉ। ଅନ୍ତତଃ ପଚାରି ପାରିବ ତା ବିନା ପ୍ରଭାତ ଭଲ ଅଛକି ନା ବୋଲି। ଅର୍ଥାତ୍ ପ୍ରଭାତକୁ ଛାଡ଼ି ଖୁସିରେ ଅଛି ତ ପ୍ରଭାସିନୀ। କିମ୍ବା ନିଜ ଆଡୁ ଆସି ଅନ୍ତତଃ ଏତିକି ତ କିଛି କହୁ, ଦୁଃଖ ବଖାଣି ଦେଉ , ଏତେ ଦିନ ପରେ ଦେଖି ଭାବବିହ୍ୱଳ ହେଉ, ତାକୁ ଛାଡିବାର ପାଶ୍ଚାତାପ କରୁ, ତେବେ ଯାଇ ପ୍ରଭାତକୁ ଜିତିଗଲା ଭଳି ଲାଗିବ।

କିନ୍ତୁ ସେମିତି କିଛି ହେଲା ନାହିଁ। ସେହି ପ୍ରତୀକ୍ଷାଳୟରେ ତା'ର କେହି ଜଣାଶୁଣା ଅଛି ବୋଲି କାଣିଚାଏ ବି ପ୍ରଭାସିନୀ ଆଡୁ ଇଂଗିତ ହେଲାନାହିଁ। ଆଉ ନିଜକୁ ଅଟକେଇ ପାରିଲା ନାହିଁ ପ୍ରଭାତ। ଏମିତି ସ୍ଥିତିରେ ହିଁ ଜଣେ ପୁରୁଷ ହାରିଯାଏ ନାରୀ ଆଗରେ। ନାରୀ ଜାଣି ବି ଅଜଣା କରିଦିଏ, ପୁରୁଷ ନ ଜାଣିଥିଲେ ବି ଜାଣିବାର ପ୍ରମାଣ ଦେବାକୁ ପଛଘୁଞ୍ଚା ଦିଏନି।

ପ୍ରଭାତ ଉଠିଲା। ଫୁଡ୍ କ୍ୟାବିନ ଭିତରେ ତା' ସ୍ୱାମୀ କଫି ପିଉଥିବାର ଦେଖିଲା। ଏହି ବାହାନାରେ ସେ ସେଠିକୁ ଯାଇ କଫି ଅର୍ଡରଦେଲା। ନିଜ ଆଡୁ କଥା ଆରମ୍ଭ କଲା। କିଛି ସମୟ ପରେ ସେ ବ୍ୟକ୍ତି ପ୍ରଭାତକୁ ନେଇ ପ୍ରଭାସିନୀ ସହ ପରିଚୟ କରେଇଲା। କହିଲା ଜାଣିଛ ପ୍ରଭାତବାବୁ ତୁମ ସହରର। ପାରାଦୀପର। କେବଳ ଗୋଟିଏ ନମସ୍ତେ କରି ନିଜ ସାନଝିଅକୁ ଖେଳେଇବାରେ ଲାଗିଲା ପ୍ରଭାସିନୀ।

ଓଃ ! ଅଣଦେଖା ହେବାର କି ଅପମାନ ଏ ! କି ଯନ୍ତ୍ରଣା ! ତାହା ହେଲେ ପ୍ରଭାସିନୀ ତାକୁ ବାହା ନ ହେବାର ଭୁଲରେ ଅତ୍ୟଧିକ ଗ୍ଲାନିରେ। ପୀଡ଼ାରେ!

ନିଜ ସ୍ଥାନକୁ ଫେରିଲା ସେ। ଯେମିତି ସେ ପ୍ରତୀକ୍ଷାଳୟର ସବୁ ଲୋକ ଖତେଇ ହେଇଥିଲେ। ଉଁ ହୁଁ ! ସ୍ୱୟଂ ପ୍ରତୀକ୍ଷାଳୟ ଖତେଇ ହେଉଥିଲା। କ୍ଷଣକେ ସେ ଏଠି ରହିପାରିବନି। ବରଂ ବାହାରକୁ ଯାଇ ଦୀର୍ଘନିଃଶ୍ୱାସ ଛାଡିବାକୁ ହେବ। ଯିବାକୁ ସେ ପ୍ରସ୍ତୁତ ହେଲା ବେଳକୁ ଏ କ'ଣ ! ସ୍ୱାମୀ ଆଗରେ ବାହାରି ପଡ଼ିଲେ ବ୍ୟାଗ୍ ଧରି। ସାଙ୍ଗରେ ବଡ ଝିଅ। ନିଜେ ପ୍ରଭାସିନୀ ବାହାରକୁ ଯାଇ ପଛକୁ ପୁଣି ଫେରିଲା। ରେସପ୍ସନରେ ବସିଥିବା ପୁଅଟି ସହ ସ୍ୱଳ୍ପ କଥା ହୋଇ ବାହାରିପଡ଼ିଲା। ବୋଧେ ବକସିସ ଦେଲା। ଧେତ୍ ! ଏତେ ବଦଳି ଯାଆନ୍ତି ଝିଅମାନେ ? ଏମିତି ବ୍ୟବହାର କରନ୍ତି ଯେମିତି କେବେ ଜାଣିନାହାନ୍ତି, କି ଚିହ୍ନିନାହାନ୍ତି।

ଭଲ ହେଲା ସେ ନିଜଆଡୁ ବାହାରିଗଲା। ଏବେ ତା ମୁଣ୍ଡରୁ ବି ବାହାରିଯିବ। ସେ ପୁଣି ଟିକେ ଶାନ୍ତିରେ ଶୋଇପାରିବ।

ଦୁଇ ତିନିଘଣ୍ଟା ପରେ ପ୍ରଭାତ ବାହାରିଲା ପ୍ରତୀକ୍ଷାଳୟରୁ ନିଜ ଗନ୍ତବ୍ୟ ଆଡ଼କୁ। ହମସଫର୍ ଏକ୍ସପ୍ରେସ ଠିକ୍ ସମୟରେ ଛାଡ଼ିବ। ପ୍ରବଳ ଗହଳି ହାଓ୍ୱଡ଼ା ଷ୍ଟେସନ।

ରିସେପ୍ସନରେ ବିଲ ପୈଠ କଲା ସେ। ତା' ହାତକୁ ଯେଉଁ ନୋଟଟିଏ ଫେରନ୍ତ ଆସିଲା,ତାକୁ ପଛ ପ୍ୟାକେଟରେ ରଖି ଆଗକୁ ସେ ବଢିଲା ପ୍ଲାଟଫର୍ମ ଆଡ଼କୁ।

ମନ ଭାରୀ ନଥିଲା ତଥାପି ପ୍ରଭାସିନୀ ମନରୁ ଯାଉନଥିଲା। ଏତେ ସମ୍ବେଦନଶୀଳ ଝିଅ ସେ, ଏମିତି କେମିତି ବ୍ୟବହାର କରିପାରିଲା ?

ଗାଡିଛାଡ଼ିଲା ତା ଗନ୍ତବ୍ୟ ଆଡ଼କୁ। ନିଜ ସିଟରେ ନିଜକୁ ବ୍ୟବସ୍ଥିତ କଲା ପ୍ରଭାତ। ପଛ ପ୍ୟାକେଟରୁ ରଖି ଦେଇଥିବା ନୋଟକୁ ମନିପର୍ସରେ ରଖିଲା ବେଳକୁ ଦେଖିଲା ସେଠି ଗୋଟିଏ ଫୋନ ନମ୍ବର ଲେଖାହୋଇଛି। ତଳେ ନାଆଁଟିଏ ଅଛି ପ୍ରଭାସିନୀ।

ଚମକି ପଡ଼ିଲା ସେ। ନିଶ୍ଚୟ ପ୍ରଭାସିନୀ ସେ ରିସେପ୍ସନିଷ୍ଟକୁ ତାକୁ ଦେବା ପାଇଁ ଏ ନୋଟ ଦେଇଛି। କିନ୍ତୁ ମୂର୍ଖ ସେ, କେତେ କ'ଣ ସବୁ ତା ବିରୁଦ୍ଧରେ ଭାବିଚାଲିଛି। ନିଜକୁ ଆକଟ କରିପାରିଲା ନାହିଁ ସେ। ସେହି ନମ୍ବରକୁ ଡରି ଡରି ଫୋନ କଲା।

କିନ୍ତୁ କାହିଁକି ପ୍ରଭାସିନୀ ଉଠେଇଲା ନାହିଁ ଫୋନ। କୁଆଡେ ସ୍ୱାମୀଙ୍କୁ ଡରୁଛି କି ? କାହିଁ ସେମାନେ ଡରିଲା ଭଳି ଏମିତି କିଛି କରିନାହାନ୍ତି ତ !

ପୁଣି ସେ ନିଜକୁ ସମ୍ଭାଳିଲା। ପ୍ରଭାସିନୀ ତ ଗଲାଣି। କେଜାଣି ପୁଣି ଭେଟ ହେବକି ନା ! ଭେଟ ହୋଇଥିଲା ବୋଲି କେବଳ ପ୍ରତୀକ୍ଷାଳୟ ମୁକସାକ୍ଷୀ। ଭିତରେ ଉଥଳପୂତଳ। ଗୋଟିଏ ଜାଗାରେ ବସି ରହିପାରିଲା ନାହିଁ ସେ ଶେଷରେ ଜବରଦସ୍ତ ଗୋଟିଏ ମେସେଜ କଲା - ପ୍ରତୀକ୍ଷାଳୟ। ଅନ୍ତତଃ ସେ ଜାଣି ପାରିବ ପ୍ରଭାତ କରିଛି ବୋଲି। ଏବଂ ଲମ୍ବା ହୋଇ ଶୋଇପଡ଼ିଲା ସିଟରେ। ଚେଷ୍ଟା କଲା ସବୁ ଭୁଲିଯିବା ପାଇଁ।

କିଛି ସମୟ ପରେ ଫୋନରେ ଏକ ଟୋନ। ମେସେଜ ଆସିବାର ଟୋନ। ଧଡକିନା ଉଠି ଦେଖିଲା। ଲେଖାଥିଲା - ମୁଁ ପ୍ରଭାସିନୀ ନୁହଁ, ତାଙ୍କ ଯାଆଁଳା ଭଉଣୀ ସୁବାସିନୀ। ଦିଦି ଆଉ ଦୁନିଆରେ ନାହାଁନ୍ତି। ବଡଝିଅ ଜନ୍ମବେଳକୁ ଚାଲିଗଲେ ଆମ ସଭିଙ୍କୁ ଛାଡି। ତୁମକୁ ବି। ସେଥିପାଇଁ ମୁଁ ବାହାହେଲି ଜିଜୁକୁ। ତାପରେ ଆମ ଦୁହିଁଙ୍କର ସାନ ଝିଅ। ମୁଁ ତୁମକୁ ଜାଣେ, ତୁମେ ମୋତେ ଜାଣିନ। ଜିଜୁ ତୁମ ଓ ଦିଦିଙ୍କ ବିଷୟରେ ଜାଣିନାହାନ୍ତି। ମୁଁ ଚାହୁଁନି ସେ ଜାଣନ୍ତୁ। କିନ୍ତୁ ଏତିକି ସତ ଯେ ଦିଦି ତୁମ ବିନା ଦୁର୍ବଳ ହୋଇଯାଇଥିଲେ। ତାଙ୍କର ବଞ୍ଚିବାର ଇଚ୍ଛା ହିଁ ନଥିଲା। ସେଇଆ ହିଁ କାଳହେଲା। ଆଶା ଆଗକୁ ଫୋନ କି ମେସେଜ କରିବ ନାହିଁ। ସେଥିପାଇଁ ମୁଁ ନୋଟରେ ମୋ ନମ୍ବର ଦେଇଥିଲି ଏତିକି ଜଣେଇବାକୁ।

ପ୍ରଭାତ ଭାବିପାରୁ ନଥିଲା ଏମିତି ପରିସ୍ଥିତିରେ କ'ଣ କରିବ ସେ। ପ୍ରଭାସିନୀ ଯେ ତା ବିନା ଦୁନିଆରେ ଥିବ କି ନଥିବ- ଏ କଥା କଳ୍ପନାକୁ ଆସି ନଥିଲା ତା'ର। ଇଚ୍ଛା ହେଉଥିଲା ଟ୍ରେନରୁ ଲମ୍ଫ ମାରି ଧାଇଁବ ସେ ପ୍ରତୀକ୍ଷାଳୟ ଆଡ଼କୁ। ଅନ୍ତତଃ ଆଉ କିଛି ସମୟ ସେ ତା ପ୍ରିୟତମା ପ୍ରଭାସିନୀ ମନସ୍କ ହୋଇପାରିବ...।

ମାଳି ସାହି, ବାରିବନ୍ଧ,
ଆଙ୍ଗୁଳି, ବ୍ରହ୍ମପୁର
ଗଞ୍ଜାମ -୭୬୦୦୧୦
ମୋ: ୮୭୬୩୨୦୨୬୬୬

ପୁରୁଷର ଅଭିମାନ

ଏନ୍ତୁଡିର ଡହଡହ ତାତି,
ସାଙ୍ଗକୁ ପୋଷାଏ ତେଲ,
ଦେଇଥିଲା ଘଷି,
ବୁଝାଇ ବୁଝାଇ କହୁଥିଲା ମା',
ପୁରୁଷ ପିଲା ଟାଣ ହେବୁ,
ତୋ ସଂସାର ଭାର
କାନ୍ଧେ ବୋହିବୁ।
ହଁ ଲୋ ମାଆ ! ! !
ଶକତ ହେଲି,
ଟାଣୁଆ ହେଲି,
ମେରୁଦଣ୍ଡଟା କରି ସଳଖ,
କରି ପଥର ଏ ଛାତିକୁ,
ତୋ' ସହ କରିଥିବା ପଣ ପାଇଁ,
ଜୀବନଜୀବିକା ସହ ସନ୍ଧି କରି
ସଂସାର ଭାରକୁ କାନ୍ଧ ଉପରେ
ରଖି ଅନେକ ଥର ଶୁଣିଲି,
କୁଆଡ଼େ
ଟାଣ ଚମଡ଼ାର ଛାତି ତଳେ,
ନାହିଁ ମୋ କଅଁଳ ମନ,
ଭୁଲିଯାଇଛି ମୁଁ କାନ୍ଦିବା।
ଲୁଚାଏ ମୁଁ ହାରିବାର କ୍ଷତ,
ଅନେକ ହରେଇବାର
ଅଜଣା ଭୟରେ,
ଆଖିର ଶୀରା ମୋ ଶୁଖିଲା,
ନାହିଁ ଲୁହ ନାହିଁ କୋହ।
ଦୁନିଆରେ ମୋ ପରିଚୟଟା
ସମାଜ କହେ,
ପଥର ହୃଦୟରେ
ମୋ ବାରମ୍ବାର,
ବାଡ଼େଇ ହୋଇ ଶୁଣାଏ,
ମୁଁ କୁଆଡ଼େ ପୁରୁଷ,
ଲୁହା ମଣିଷ।

ମନୀଷା ପଣ୍ଡା
ଅଙ୍ଗରାନ୍ତିପୁର, ତେଙ୍କାନାଳ

ଦୁଃଖ

ଯଦି ପାରିବ
ଗାଁ ମୁଣ୍ଡେ ଥିବା ସେ
ବିଧବା ଘରଆଡ଼େ
ଟିକେ ବୁଲିଆସିବ
ଯୋଉଠି ଭାତ ହାଣ୍ଡିରେ
ନିଇତି ଫୁଟୁଥାଏ
ତା' ଅବଶିଷ୍ଟ ଆୟୁଷ୍ମର
ପ୍ରତ୍ୟେକ ଟୁକୁଡ଼ା
ଯଦି ପାରିବ
ଦେଉଳ ଆଡ଼େ ଟିକେ
ବୁଲିଆସିବ
ଭିକାରିଙ୍କଭ ଭିକ ମାଗି ମାଗି
କହୁଣୀ ଉପରୁ
ହାତ ଦିଓଟି କଟିଯାଇଥିବା ବୁଢାର
ମୁହଁକୁ ଚାହିଁବ।
ଯଦିପାରିବ
ମେଳଛା ଗାମୁଛାରେ
ମୁହଁ ଝାଳ ପୋଛି ପକଉଥିବା
ବାପାର ଆଖିରେ ଟିକେ
ଆଖି ମିଶେଇବ
ଯୋଉ ଆଖିରୁ
ସିନ୍ଦୁକେ ସ୍ୱପ୍ନ
ଝୁର୍ ଝୁର୍ ହେଇ ଝରିପଡ଼େ
ଲୁଣିଆ ଝାଳ ସାଙ୍ଗରେ
ତା' ପରେ
ହୁଏତ ବୁଝିପାରିବ
କେତେ ଲମ୍ବ ଥାଏ
ଦୁଃଖର ବ୍ୟାସାର୍ଦ୍ଧରେ।

ସୁବ୍ରତ କୁମାର ସାହୁ
ମେଣ୍ଡରାଜପୁର, ଗଞ୍ଜାମ

ଜାତୀୟ ଚେତନା
JATIYA CHETANA

ପାରା ଏସିଆନ୍ ଗେମ୍ସ ୨୦୨୬ ଉଦ୍‌ଘାଟିତ



ନାଗୋୟା,(ଏଜେନ୍ସି): ଜାପାନର ରାଜା ନାରୁହିତୋ ରବିବାର ପଞ୍ଚମ ପାରା ଏସିଆନ୍ ଗେମ୍ସ ୨୦୨୬ର ଆଧିକାରିକ ଉଦ୍‌ଘାଟନ କରିଛନ୍ତି। ଏହା ସହିତ ଆଇଚି-ନାଗୋୟାରେ ଆୟୋଜିତ ଏହି ମହାଦ୍ୱୀପୀୟ ଖେଳ ଆୟୋଜନ ସହିତ ପଦକଙ୍କ ପାଇଁ ମୁକାବିଲାର ଔପଚାରିକ ଆରମ୍ଭ ହୋଇଛି। ଏହି ଅବସରରେ ଜାପାନ ପ୍ରଧାନମନ୍ତ୍ରୀ ସାନେ ତାକାଇଚି ଗେମ୍ସରେ ଅଂଶଗ୍ରହଣ ପାଇଁ ପହଞ୍ଚିଥିବା ଖେଳାଳି ଏବଂ ଅଧିକାରୀଙ୍କ ସ୍ୱାଗତ କରିଛନ୍ତି। ୧୮ ଖେଳ ସାମିଲ ହୋଇଥିବା ପ୍ରତିଯୋଗିତା ଅକ୍ଟୋବର ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ଥର ଏସିଆର ସମସ୍ତ ୪୫ ଦେଶ ଅଂଶଗ୍ରହଣ କରୁଛନ୍ତି, ଯାହା ପାରା ଏସିଆନ୍ ଗେମ୍ସ ଇତିହାସରେ ପ୍ରଥମ ଘଟଣା। ଉଦ୍‌ଘାଟନ ସମାରୋହ ନାଗୋୟାର ପାଲୋମା ମିଜୁହୋ ଷ୍ଟାଡିୟମ୍‌ରେ ଆୟୋଜିତ ହୋଇଛି। ଏହି ଅବସରରେ ଭାରତୀୟ ଦଳ ମଧ୍ୟ ଚମତ୍କାର ଅନ୍ଦାଜରେ ପ୍ରବେଶ କରିଛି। ପାରା ବ୍ୟାଡ୍‌ମିଣ୍ଟନ୍ ଖେଳାଳି ପ୍ରମୋଦ ଭଗତ ଓ ଧାବିକା ସିମରନ୍ ଶର୍ମା ଭାରତୀୟ ଦଳର ଧ୍ୱଜାବାହାକ ହୋଇ ଭାରତୀୟ ଦଳର ନେତୃତ୍ୱ କରିଛନ୍ତି।

ଉଦ୍‌ଘାଟନୀ ସମାରୋହରେ ଭାରତୀୟ ଦଳର ପୋଷାକ ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥିଲା। ଖେଳାଳିମାନେ ସୁନା ରଙ୍ଗର ଡିଜାଇନ୍ ଥିବା ଗାଢ଼ ନୀଳ ରଙ୍ଗର ବ୍ଲେଜର୍ ପିନ୍ଧିଥିଲେ। ଏହି ଡିଜାଇନ୍‌ରେ ସିନ୍ଧୁ ଘାଟି ସଭ୍ୟତା ଦ୍ୱାରା ପ୍ରେରିତ ଆକୃତିକୁ ସାମିଲ କରାଯାଇଛି। ବ୍ଲେଜର୍ ଉପରେ ପ୍ରସିଦ୍ଧ 'ପ୍ରିଷ୍ଟ-କିଙ୍ଗ୍' ମୂର୍ତ୍ତି, 'ଡ୍ୟାନ୍ସିଂ ଗାର୍ଲ'ର ଆକୃତି ଏବଂ ପ୍ରାଚୀନ ମୁଦ୍ରା ଦ୍ୱାରା ପ୍ରେରିତ ପ୍ରତୀକ ଥିବା ଦେଖିବାକୁ ମିଳିଛି। ଏହା ବ୍ୟତୀତ ବ୍ଲେଜର୍‌ର ପକେଟ୍‌ରେ ଭାରତୀୟ ତ୍ରିରଙ୍ଗାକୁ ସ୍ଥାନ ଦିଆଯାଇଥିବା ବେଳେ କଲର୍‌ରେ ସପ୍ତସିନ୍ଧୁ ଅର୍ଥାତ୍ ସାତ ନଦୀର ଭୂମିର ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରାଯାଇଛି। ଏହି ପୋଷାକ ଜରିଆରେ ଭାରତୀୟ ଖେଳାଳି ଦଳ ଦେଶର ସାଂସ୍କୃତିକ ଐତିହ୍ୟ ଏବଂ ଖେଳ ମହାତ୍ୱାକାଂକ୍ଷାକୁ ଏକସଙ୍ଗରେ ପ୍ରସ୍ତୁତ କରିଛନ୍ତି।

ରଣଜୀ ଟ୍ରଫି: ଓଡ଼ିଶା ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ

ଭୁବନେଶ୍ୱର,(ଜା.ପ୍ର): ଆରମ୍ଭ ହୋଇଥିବା ଚଳିତ ରଣଜୀ ଟ୍ରଫି ସିଜନ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ବୋଲରମାନେ କେରଳ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ତିରୁଅନନ୍ତପୁରମ୍‌ରେ ଖେଳାଯାଉଥିବା ଏଲିଟ୍ ଗ୍ରୁପ୍-'ସି' ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ବୋଲରଙ୍କ ଦମ୍‌ଦାର ବୋଲିଂ ଫଳରେ ପ୍ରଥମ ଦିନ କେରଳ ପ୍ରଥମ ଇନିଂସ୍‌ରେ ୬ ୱିକେଟ୍ ହରାଇ ୨୪୫ ରନ୍ କରିଛି। ଷଷ୍ଠ ବେଳକୁ ୱିକେଟ୍‌କିପର୍ ବ୍ୟାଟର୍ ମହମ୍ମଦ ଆଜାରୁଦ୍ଦିନ୍ ୭୨ ଏବଂ ଆଦିତ୍ୟ ସରୱତେ ୩ୀ ରନ୍‌ରେ ବ୍ୟାଟିଂ କରୁଥିଲେ।

ଟସ୍ ଜିତି ଫିଲ୍ଡିଂ ନେଇଥିବା ଓଡ଼ିଶାକୁ ତୃତୀୟ ଓଭରରେ ରାଜେଶ ମହାନ୍ତି ପ୍ରଥମ ସଫଳତା ଦେଇଥିଲେ। ଓପର୍ ଅଭିଷେକ ପି ନାୟର ଖାତା ଖୋଲିବା ପୂର୍ବରୁ ରାଜେଶ ତାଙ୍କୁ ଡେବ୍ୟୁଟାଣ୍ଟ ସୌମ୍ୟରଞ୍ଜନ ଲେଙ୍କାଙ୍କ ହାତରେ କ୍ୟାଚ୍ କରାଇଥିଲେ। ଏହାପରେ ଚତୁର୍ଥ ଓଭରରେ ଜଳଜ ସାକ୍ସେନା (୦)ଙ୍କୁ ଲଳିତ ଯାଦବ ଆଉଟ୍ କରି କେରଳ ସ୍କୋର୍ ୩/୨ କରିଥିଲେ। ଅଭିଷେକ ନାୟର (୧୧)ଙ୍କୁ ଲଳିତ ନିଜର ଦ୍ୱିତୀୟ ଶିକାର କରିବା ପରେ ସୌମ୍ୟରଞ୍ଜନ କ୍ୟାପ୍‌ଟେନ୍ ବିଷ୍ଣୁ ବିନୋଦ (୨୧)ଙ୍କୁ ଆଉଟ୍ କରି କେରଳକୁ ବଡ଼ ଝଟ୍‌କା ଦେଇଥିଲେ। ସଲମାନ୍ ନିଜାର୍ (୨୧) ବାଦଲ ବିଶ୍ୱାଳଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ୧୦୧ ରନ୍‌ରେ ୫ ୱିକେଟ୍ ହରାଇ ବିପଦରେ ପଡ଼ିଥିବା ବେଳେ ସଚିନ୍ ବେବି ଓ ମହମ୍ମଦ ଆଜାରୁଦ୍ଦିନ୍ ୬ଷ୍ଠ ୱିକେଟ୍ ପାଇଁ ୧୪୧ ରନ୍‌ର ପାର୍ଟନରଶିପ୍ କରି କେରଳକୁ ଏଥିରୁ ଉଦ୍ଧାର କରିଥିଲେ। ତେବେ ସଚିନ୍‌ଙ୍କୁ ୱିକେଟ୍ ପଛରେ କ୍ୟାଚ୍ ଆଉଟ୍ କରାଇ ସୌମ୍ୟରଞ୍ଜନ ଏହି ଯୋଡ଼ିରେ ବ୍ରେକ୍ ଲଗାଇଥିଲେ। ସଚିନ୍ ୨୩୫ ବଲ୍‌ରେ ୧୧ ଚୌକା ଓ ଗୋଟିଏ ଛକା ସହାୟତାରେ ୧୧୨ ରନ୍‌ର ଶତକୀୟ ଇନିଂସ୍ ଖେଳି ବିଦାୟ ନେଇଥିଲେ। ଆଉଟ୍ ପୂର୍ବରୁ ସେ ଅଭିଷେକ ନାୟରଙ୍କ ସହ ୧୫ ରନ୍, ବିଷ୍ଣୁ ବିନୋଦଙ୍କ ସହ ୪୦ ରନ୍ ଏବଂ ସଲ୍‌ମାନ୍ ନିଜାରଙ୍କ ସହ ୪୩ ରନ୍‌ର ଛୋଟ ଛୋଟ ପାର୍ଟନରଶିପ୍ ମଧ୍ୟ କରିଥିଲେ। ଆଜାରୁଦ୍ଦିନ୍ ଧୈର୍ଯ୍ୟପୂର୍ଣ୍ଣ ଇନିଂସ୍ ଖେଳି ୧୩୫ ବଲ୍‌ରେ ୬ ଚୌକା ସହାୟତାରେ ୭୨ ରନ୍ କରି ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ଲଳିତ ଯାଦବ ଓ ସୌମ୍ୟରଞ୍ଜନ ଲେଙ୍କା ୨-୨ ୱିକେଟ୍ ନେଇଥିବା ବେଳେ ରାଜେଶ ମହାନ୍ତି ଓ ବାଦଲ ବିଶ୍ୱାଳଙ୍କୁ ୧-୧ ସଫଳତା ମିଳିଛି। ଏହି ମ୍ୟାଚ୍‌ରେ ଆଜି ସୌମ୍ୟରଞ୍ଜନ ଲେଙ୍କା ତାଙ୍କ ପ୍ରଥମଶ୍ରେଣୀ ଡେବ୍ୟୁ କରିଛନ୍ତି। ଓଡ଼ିଶା ଟିମ୍ ମୁଖ୍ୟ କୋଚ୍ ପ୍ରଭଞ୍ଜନ ମଲ୍ଲିକ ତାଙ୍କୁ ମ୍ୟାଚ୍ ପୂର୍ବରୁ ଡେବ୍ୟୁ କ୍ୟାପ୍ ପ୍ରଦାନ କରିଥିଲେ।

ଦିଲ୍ଲୀ ହାଫ୍ ମାରାଥନ୍: କୋର୍ସ ରେକର୍ଡ ସହ ମଟାଟାଙ୍କୁ ପୁରୁଷ ଟାଇଟଲ୍

ନୂଆଦିଲ୍ଲୀ,(ଏଜେନ୍ସି): କେନିଆର ଚାର୍ଲ୍ସ ମଟାଟା ରବିବାର ନୂଆ କୋର୍ସ ରେକର୍ଡ ସହ ଦିଲ୍ଲୀ ହାଫ୍ ମାରାଥନ୍‌ର ପୁରୁଷ ଏଲିଟ୍ ବର୍ଗ ଟାଇଟଲ୍ ନିଜ ନାମରେ କରିଛନ୍ତି। ସେହିପରି ଇଥିଓପିଆର ଉଡିନେଶ୍ ଅଲେମୁ ମହିଳା ଏଲିଟ୍ ବର୍ଗରେ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛନ୍ତି। ମଟାଟା ୫୮ ମିନିଟ୍ ୫୨ ସେକେଣ୍ଡରେ ରେସ୍ ପୂରା କରି ୨୦୨୦ରେ ଇଥିଓପିଆର ଅମେଦେଭୋର୍କ ଭାଲଲେଗ୍ନଙ୍କ ୫୮ ମିନିଟ୍ ୫୩ ସେକେଣ୍ଡର ରେକର୍ଡକୁ ପଛରେ ପକାଇଛନ୍ତି।

ଏହି ଉପଲବ୍ଧି ପାଇଁ ମଟାଟାଙ୍କୁ ୨୭୦୦୦ ଡଲାର (ପ୍ରାୟ ୨୫.୬୪ କୋଟି ଟଙ୍କା) ପୁରସ୍କାର ରାଶି ବ୍ୟତୀତ ରେକର୍ଡ ଭଙ୍ଗ ପାଇଁ ୧୨୦୦୦ ଡଲାର (ପ୍ରାୟ ୧୧.୪୦ ଲକ୍ଷ ଟଙ୍କା) ଅତିରିକ୍ତ ମିଳିବ। ରୋଚକ ବିଷୟ ମଟାଟାଙ୍କ ଯାଆଁଳା ଭାଇ ଆଲେକ୍ସ ମଟାଟା ୨୦୨୫ରେ ୫୯ ମିନିଟ୍ ୫୦ ସେକେଣ୍ଡ ସମୟ ସହ ଏହି ଟାଇଟଲ୍ ଜିତିଥିଲେ। ପୁରୁଷ ଏଲିଟ୍ ବର୍ଗରେ କେନିଆ ଧାବକଙ୍କ ଦବ୍‌ଦବା ରହିଛି। ସାଲମଭେଲ୍ ନ୍ୟାମାଇ ମେଲୁ ୫୯ ମିନିଟ୍ ୨୪ ସେକେଣ୍ଡ୍ ସହ ଦ୍ୱିତୀୟ ଏବଂ ଷ୍ଟେନ୍‌ଲୀ ଭାଇଥାକା ମ୍ବୁରୁ ୫୯ ମିନିଟ୍ ୩୩ ସେକେଣ୍ଡ୍ ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି।

ମହିଳା ଏଲିଟ୍ ବର୍ଗରେ ଇଥିଓପିଆର ଉଡିନେଶ୍ ଅଲେମୁ ଏକ ଘଣ୍ଟା ୬ ମିନିଟ୍ ୩୫ ସେକେଣ୍ଡରେ ରେସ୍ ପୂରା କରି ଟାଇଟଲ୍ ଜିତିଛନ୍ତି। କେନିଆର ସେଲାଇ ବୁସିନେଇ ୧ ଘଣ୍ଟା ୭ ମିନିଟ୍ ଏକ ସେକେଣ୍ଡ୍ ସହ ଦ୍ୱିତୀୟ ଏବଂ ସିନ୍ଥିଆ ଚେଲଙ୍ଗାଟ୍ ଚେପ୍‌କ୍ୱୋନୋ ୧ ଘଣ୍ଟା ୭ ମିନିଟ୍ ୩୨ ସେକେଣ୍ଡ୍ ସହ ତୃତୀୟ ସ୍ଥାନରେ ରହିଛନ୍ତି।

ଶୈଳେଶ କୁଶୱାହା ଭାରତୀୟ ପୁରୁଷ ଏଲିଟ୍ ବର୍ଗରେ ୧ ଘଣ୍ଟା ପାଞ୍ଚ ମିନିଟ୍ ପାଞ୍ଚ ସେକେଣ୍ଡ୍ ସମୟ ସହିତ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଗୌରବ ମାଥୁର (୧ ଘଣ୍ଟା ୫.୧୧ ମିନିଟ୍) ଦ୍ୱିତୀୟ ଏବଂ ହେମନ୍ତ କୁମାର (୧ ଘଣ୍ଟା ୫.୩୭ ମିନିଟ୍) ତୃତୀୟ ସ୍ଥାନରେ ରହିଥିଲେ। ଭାରତୀୟ ମହିଳା ଏଲିଟ୍ ବର୍ଗରେ ଅଙ୍କିତା ଧାନୀ ୧ ଘଣ୍ଟା ୧୨ ମିନିଟ୍ ୪୬ ସେକେଣ୍ଡ୍ ସମୟ ସହ ଶୀର୍ଷ ସ୍ଥାନରେ ରହିଛନ୍ତି। ସୋନିଆ (୧ ଘଣ୍ଟା ୧୪ ମିନିଟ୍ ୫୬ ସେକେଣ୍ଡ୍) ଦ୍ୱିତୀୟ ଏଙ୍ଗ ଭାଗୀରଥୀ (୧ ଘଣ୍ଟା ୧୫ ମିନିଟ୍ ୫୧ ସେକେଣ୍ଡ୍) ତୃତୀୟ ସ୍ଥାନ ହାସଲ କରିଛନ୍ତି।

ମା'କୁ ପ୍ରାର୍ଥନା





ମା' ତୁ ଆସିଛୁ ମାନେ
ସମସ୍ତେ ମୁକୁଳି ଆସନ୍ତୁ
ମୁଁ କାର ବନ୍ଧନରୁ,
ସମ୍ଭାଳି ନେଇ ନିଜ ନିଜ ଆତ୍ମବୋଧ
ପୁଣି ଓହ୍ଲାଇ ଆସନ୍ତୁ
ଆକାଶରୁ ମାଟି ଆଡ଼କୁ।
ମା' ତୁ ଆସିଛୁ ମାନେ
ଅଭିମାନର ଲୁହ ସବୁ
ଧୋଇ ହୋଇଯାଉ,
ଓଭେଇଯାଉ ଯାବତୀୟ ମାନମନାନ୍ତର,
ଜର୍ଜର ଯନ୍ତ୍ରଣା ସବୁ
ଆପଣାଛାଏଁ ହେଉ ଉପଶମ।
ମା' ତୁ ଆସିଛୁ ମାନେ
ଦୀର୍ଘନିଃଶ୍ୱାସ ପରି
ବାହାରିଯାଉ ମୋହ ଆଉ କୋହ
ଅବସୋସ ହୋଇ ନ ରହୁ ତିଳେ ହେଁ
ପ୍ରାଣେପ୍ରାଣେ ଅଙ୍କୁରିତ ହେଉ
ଗୋଟାପଣେ ଆପଣାପଣ।
ମା' ଏଥରକ ଅପସରି ଯାଉ
ମନତଳର ଫୁଟା-ଅଫୁଟା ବେଦନା,
ଫିଟିଯାଉ ପରସ୍ପର ସମ୍ପର୍କର ସବୁଜ
ଫାଟକ,
ଆତ୍ମସନ୍ତୋଷର ଉଲ୍ଲାସରେ
ମଣିଷ ଲଭୁ ମଣିଷର
ଅସଲ ରୂପ,
ସଂସାର ହୋଇଯାଉ...
ସ୍ନେହ, ଶାନ୍ତି ଓ ସମ୍ପ୍ରୀତିର ଆଲୋକମୟ
ଆବାସ।

ବୈଷ୍ଣବ ମେହେର
ସିନାପାଲି, ନୂଆପଡ଼ା
ମୋ: ୯୭୭୭୫୩୯୩୫

ମୁଁ ଭଲପାଏ ବୋଲି ତ !

ସେ ଅପ୍ରତିମ, ଅନନ୍ୟା
ପ୍ରଗଲ୍ଭା ନାରୀଟିଏ ହେଲେ ବି
ଏ ଯାଏଁ ଯାଇନି ତା'ର ପିଲାଳିଆମି
ମନ ଭରି ଖିଲି ଖିଲି ହସ
ସତେ ଯେମିତି ସେ ଅନୁଢା ତରୁଣୀଟିଏ
ଏଯାବତ୍ ବୟସର ପାହାଚ ଉଠିନି।
ସେମିତି କିଛି ବି ବଦଳି ନାହିଁ
ସମୟ ଅଟକି ଯାଇଛି
ତା'ର ବୟସ୍କ ହୋଇ ଆସୁଥିବା
ଘନକେଶ କବରୀ ଜାଲରେ
ତା' ଆଖିର ସମ୍ମୋହନ, କଥାରେ
ମାଧୁର୍ଯ୍ୟ
ପରିପକ୍ୱ ମାର୍ଜିତ ଚେହେରା
ହେଲେ କୋଉ ଗଲାଣିକି ତା'ର କଣେଇଁ
ଚାହିଁବା

ସେଇଠି ଲାଖି ରହିଛି
ପିଛିଲା ଦିନ ଯୌବନ ପିଲାଦିନ
ବୟସର ରଙ୍ଗ ।
ବୟସ ହେଲାଣି ହେଲେ
ଇଚ୍ଛା ସବୁ ଲହଡି ମାରନ୍ତି
ବନ୍ଧ ବାନ୍ଧି ହୁଏ ନାହିଁ
ଅଦିନିଆଁ ଜୁଆର ଆସିଲେ
ପ୍ରେମିକାର ମନକଥା
ହୁଏତ ସେ ନିଜେ ଜାଣେ
ଅଥବା ଈଶ୍ୱର ଜାଣନ୍ତି
ମୁଁ ଭଲପାଏ ବୋଲି ତ ଏତେ କଥା
ସେ ନିତି ଯୁଦ୍ଧ ଘୋଷଣା କରେ
ମୁଁ ସନ୍ଧି ଚୁକ୍ତି କରେ ।

ପୂର୍ଣ୍ଣଚନ୍ଦ୍ର ମହାକୁଡ଼
କେନ୍ଦ୍ରାପଡ଼ା

ପୁରୁଷର ଅଭିମାନ

ଏନ୍ତୁଡ଼ିର ଡହଡହ ତାତି,
ସାଙ୍ଗକୁ ପୋଷାଏ ତେଲ,
ଦେଇଥିଲା ଘଷି,
ବୁଝାଇ ବୁଝାଇ କହୁଥିଲା ମା',
ପୁରୁଷ ପିଲା ଟାଣ ହେବୁ,
ତୋ ସଂସାର ଭାର
କାନ୍ଧେ ବୋହିବୁ।
ହଁ ଲୋ ମାଆ ! ! !
ଶକତ ହେଲି,
ଟାଣୁଆ ହେଲି,
ମେରୁଦଣ୍ଡଟା କରି ସଳଖ,
କରି ପଥର ଏ ଛାତିକୁ,
ତୋ' ସହ କରିଥିବା ପଣ ପାଇଁ,
ଜୀବନଜୀବିକା ସହ ସନ୍ଧି କରି
ସଂସାର ଭାରକୁ କାନ୍ଧ ଉପରେ
ରଖି ଅନେକ ଥର ଶୁଣିଲି,
କୁଆଡ଼େ
ଟାଣ ଚମଡ଼ାର ଛାତି ତଳେ,
ନାହିଁ ମୋ କଅଁଳ ମନ,
ଭୁଲିଯାଇଛି ମୁଁ କାନ୍ଦିବା।
ଲୁଚାଏ ମୁଁ ହାରିବାର କ୍ଷତ,
ଅନେକ ହରେଇବାର
ଅଜଣା ଭୟରେ,
ଆଖିର ଶୀରା ମୋ ଶୁଖିଲା,
ନାହିଁ ଲୁହ ନାହିଁ କୋହ।
ଦୁନିଆରେ ମୋ ପରିଚୟଟା
ସମାଜ କହେ,
ପଥର ହୃଦୟରେ
ମୋ ବାରମ୍ବାର,
ବାଡ଼େଇ ହୋଇ ଶୁଣାଏ,
ମୁଁ କୁଆଡ଼େ ପୁରୁଷ,
ଲୁହା ମଣିଷ।

ମନୀଷା ପଣ୍ଡା
ଅଙ୍ଗରାନ୍ତିପୁର, ଢେଙ୍କାନାଳ

ଜାତୀୟ ଚେତନା
JATIYA CHETANA
ପୃଷ୍ଠା-୮, ଭୁବନେଶ୍ୱର
ଅକ୍ଟୋବର ୧୯ରୁ
ଅକ୍ଟୋବର ୨୫, ୨୦୨୬


Page-7, Bhubaneswar
October 19 to
October 25, 2026

ମୁକ୍ତିଲାଭ କଲା ଓଡ଼ିଆ ଚଳଚ୍ଚିତ୍ର 'ମଧୁମାଳତୀ'

ଓଡ଼ିଆ ସିନେ ଜଗତରେ ଏକ ଭିନ୍ନ ସ୍ୱାଦର ଚଳଚ୍ଚିତ୍ର ଭାବେ ବହୁ ପ୍ରତୀକ୍ଷିତ ଓଡ଼ିଆ ସିନେମା 'ମଧୁମାଳତୀ' ସାରା ରାଜ୍ୟରେ ମୁକ୍ତିଲାଭ କରିଛି। ପ୍ରେମ କେବଳ ଦୁଇଟି ମନର ମିଳନ ନୁହେଁ, ବରଂ ବୟସ, ସମୟ ଏବଂ ପରିସ୍ଥିତିର ସୀମାରେଖାକୁ ଅତିକ୍ରମ କରି ଛାତିରେ ସାଇତି ରଖାଯାଇଥିବା ଏକ ପବିତ୍ର ଓ ଶାଶ୍ୱତ ଭାବନା। ଏହି ଗଭୀର ସତ୍ୟକୁ ଆଧାର କରି ନିର୍ମିତ ଏହି ସିନେମାଟି ଅଶୀ ଦଶକର ଚିରନ୍ତନ ଭାବପ୍ରବଣତା ଏବଂ ଏକବିଂଶ ଶତାବ୍ଦୀର ଆଧୁନିକ ଜୀବନଶୈଳୀ ମଧ୍ୟରେ ଥିବା ପ୍ରେମର କାହାଣୀକୁ ଚମତ୍କାର ଭାବେ ରୂପାୟିତ କରିଛି। ସାରା ଓଡ଼ିଶାରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରର ପ୍ରଥମ ପ୍ରଦର୍ଶନ ରାଜଧାନୀ ଭୁବନେଶ୍ୱରସ୍ଥିତ ମହାରାଜା ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସିନେମାଟିକୁ ଦେଖିବା ପରେ ପ୍ରେକ୍ଷାଳୟରେ ଉପସ୍ଥିତ ଦର୍ଶକମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଛି।

ପ୍ରେମର ପ୍ରକୃତ ଅର୍ଥ ଯେ ସାରା ଜୀବନ ସାଙ୍ଗରେ ରହିବା ନୁହେଁ, ବରଂ ହୃଦୟରେ ସେହି ଅନୁଭୂତିକୁ ଜୀବନ୍ତ ରଖିବା- ଏହି ବାର୍ତ୍ତାକୁ ନେଇ ଗତିଶୀଳ ହୋଇଛି କାହାଣୀ। ଦୀର୍ଘ ୪୫ ବର୍ଷର ବିଚ୍ଛେଦ ପରେ ମଧ ସଚ୍ଚା ଭଲପାଇବା ଆଗରେ ବୟସ କିପରି ହାର ମାନେ ଏବଂ ଦୁଇଟି ଆତ୍ମାର ପୁନର୍ମିଳନ ଘଟେ, ତାହା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଛି। ପ୍ରେକ୍ଷାଳୟରୁ ବାହାରିବା ପରେ ଦର୍ଶକମାନେ ନିଜ ନିଜର ଅତୀତ ସ୍ମୃତି ଓ ପୁରୁଣା ପ୍ରେମକୁ ମନେ ପକାଇବା ସହ ଆଜିର ଯୁବ ସମାଜ ପାଇଁ ଏହାକୁ ଏକ ଅତ୍ୟନ୍ତ ଶିକ୍ଷଣୀୟ ଓ ନିଆରା କାହାଣୀ ବୋଲି ପ୍ରଶଂସା କରିଛନ୍ତି। ବିଶେଷ କରି ପ୍ରେକ୍ଷାଳୟରେ ଉପସ୍ଥିତ ଦୁଇଜଣ ବରିଷ୍ଠ ଦର୍ଶକ ନିଜର ୬୦ ବର୍ଷ ତଳର ସ୍ମୃତିକୁ ମନେ ପକାଇ କହିଛନ୍ତି ଯେ, ଅନ୍ୟ ପାଇଁ ଥିବା ତ୍ୟାଗ, ଆଦର ଏବଂ ସମ୍ମାନ ହିଁ ସମ୍ପର୍କକୁ ଜୀବନସାରା ବଞ୍ଚାଇ ରଖେ। ଦର୍ଶକଙ୍କ ଏହି ଅକୁଣ୍ଠ ଭଲପାଇବା, ଆବେଗ ଏବଂ ତାଳିର ଗଡ଼ଗଡ଼ି ଦେଖି ଚଳଚ୍ଚିତ୍ରର ମୁଖ୍ୟ ଅଭିନେତ୍ରୀ ମହାଶ୍ୱେତା ରାୟ ଅତ୍ୟନ୍ତ ଆବେଗପୂର୍ଣ୍ଣ ହୋଇପଡ଼ିଥିଲେ।

ଏହି ସିନେମାରେ ନିଜର ଅଭିନୟ ଏବଂ ଅନୁଭୂତି ସମ୍ପର୍କରେ ମହାଶ୍ୱେତା ପ୍ରକାଶ କରିଛନ୍ତି ଯେ, କାହାଣୀରେ ବାଲ୍ୟକାଳର ମଧୁ ଏବଂ ମାଳତୀ ଭୂମିକାରେ ଅଭିନୟ କରିଥିବା କଳାକାରଙ୍କ ଜୀବନ୍ତ ନିପୁଣତା ତାଙ୍କୁ ନିଜ ଜୀବନର ଅତୀତ ସହ ଯୋଡ଼ିପାରିଛି। ଚଳଚ୍ଚିତ୍ରର କାହାଣୀ ରଚନା ଅତ୍ୟନ୍ତ ଆବେଗପୂର୍ଣ୍ଣ ହୋଇଥିବାରୁ ଏଥିରେ ଅଭିନୟ କରି ସେ ନିଜକୁ ଗୌରବାନ୍ୱିତ ଏବଂ ସୌଭାଗ୍ୟବତୀ ମନେ କରୁଛନ୍ତି। ବଲିଉଡର ସୁନାମଧନ୍ୟ ଅଭିନେତା ସଞ୍ଜୟ ମିଶ୍ରଙ୍କ ସହ ତାଙ୍କର ଯୋଡ଼ି ଏବଂ ଅଭିନୟ ଶୈଳୀ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଓଡ଼ିଶାର ଏହି ନିଜସ୍ୱ ସାଂସ୍କୃତିକ ଓ ଭାବପ୍ରବଣ କାହାଣୀକୁ ଚଳିତ ଦଶହରା ଅବସରରେ ଦେଖିବା ସହ ଏହାକୁ ପ୍ରଚୁର ଭଲପାଇବା ଦେବାକୁ ସେ ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି। ଚଳଚ୍ଚିତ୍ରଟିର ନିର୍ଦ୍ଦେଶନା ଭାର ମୃତ୍ୟୁଞ୍ଜୟ ସାହୁ ସମ୍ଭାଳିଥିବା ବେଳେ ପ୍ରଯୋଜନା ଦାୟିତ୍ୱ ନିର୍ବାହ କରିଛନ୍ତି ଅଶୋକ କୁମାର ପାଢ଼ୀ।



କୃଷି ଓ କୃଷକର ସାମଗ୍ରିକ ବିକାଶ
ଲକ୍ଷ୍ୟରେ ସମବାୟର ଅବିରତ ପ୍ରୟାସ

୧ ରାଜ୍ୟରେ ଯୋଗାଇ ଦିଆଯାଉଥିବା ସମୁଦାୟ କୃଷି ଋଣର ୪୩% ଋଣ ସମବାୟ ବ୍ୟାଙ୍କ / ସମିତି ଜରିଆରେ ପ୍ରଦାନ

୨ ସରକାରଙ୍କର ସୁଧ ରିହାତି ଯୋଜନା ମାଧ୍ୟମରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଏବଂ ୧ ଲକ୍ଷରୁ ଉର୍ଦ୍ଧ୍ୱ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨% ସୁଧରେ ଫସଲ ଋଣ ଯୋଗାଣ

୩ ପ୍ରତ୍ୟେକ ଚାଷୀଙ୍କ ପାଇଁ କୃଷି ବୀମା

୪ ଯୁଗ୍ମ ଦେୟ ଗୋଷ୍ଠୀ (JLG) ମାଧ୍ୟମରେ ଭୂମିହୀନ ଚାଷୀ, ପ୍ରକୃତ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଫସଲ ଋଣ ଯୋଗାଣର ବ୍ୟବସ୍ଥା

୫ ରୁପେ କିଷାନ କାର୍ଡ଼ ଦ୍ୱାରା ଏ.ଟି.ଏମ୍ ରୁ କୃଷି ଋଣ ଉଠାଣ

୬ ମିଆଦୀ ଋଣରେ ଆବଶ୍ୟକ ହେଉଥିବା ଅଂଶଧନରେ ବ୍ୟାପକ ରିହାତି

୭ ରୁପେ ଡେବିଟ୍ କାର୍ଡ଼ ଗ୍ରାହକମାନଙ୍କ ପାଇଁ ବିନା ମୂଲ୍ୟରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା

୮ ସମସ୍ତ ସଭ୍ୟ /ସଭ୍ୟାମାନଙ୍କର ଆର୍ଥିକ ଅନ୍ତର୍ଭୁକ୍ତି ନିମନ୍ତେ ଆକାଉଣ୍ଟରେ ଆଧାର (Aadhaar) ସଂଯୋଗୀକରଣର ସୁବିଧା(PACS/FSCS/LAMPCS)

୯ ଜମାକାରୀ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା (PMSBY) ଏବଂ ଜୀବନଜ୍ୟୋତି ବୀମା ଯୋଜନା (PMJBY) ର ପ୍ରଚଳନ (OSCB/DCCB)

୧୦ ସରକାରଙ୍କର ଆର୍ଥିକ ସହାୟତାରେ PACS ମାନଙ୍କର କମ୍ପୁଟରୀକରଣ





ODISHA STATE CO-OPERATIVE BANK LTD. ESTD. 1948

ଆମେ ବଢ଼ାଉ ସମ୍ପର୍କ

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ୍
www.odishascb.com

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
Chief Advisor: Pradosh Pattnaik ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ